

ଭଲ ବହି ପଢି ଭଲ କାମ କଲେ ଖରାପ ଲୋକଟି ମଧ ଧୀରେ ଧୀରେ ଭଲ ହୋଇଥାଏ।
- ଆରିଷ୍ଟଟଲ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ସନ୍ଧ୍ୟା ୭ଟା।

**ସାକ୍ଷୀଗୋପାଳ**

- ବକୁଳବନ ମହୋତ୍ସବ-୨୦୨୦, ପଞ୍ଚସଖା ସ୍ମୃତି ଭବନ, ପୂର୍ବାହ୍ନ ୧୧ଟା।

## ୫୦୨ଜଣଙ୍କ ଉପରେ ୩.୭୫ ଲକ୍ଷ ଜରିମାନା କଲା ପୋଲିସ

ଭୁବନେଶ୍ୱର,୧।୩(ବ୍ୟୁରୋ): କମିଶନରେଟ ପୋଲିସ ପକ୍ଷରୁ ୫୦୨ଜଣ ବେପରୁଆ ଗାଡି ଚାଳକଙ୍କୁ ଚିହ୍ନଟ କରି ୩ଲକ୍ଷ ୭୫ହଜାର ଟଙ୍କାର ଜରିମାନା କରିଛି ଟ୍ରାଫିକ ପୋଲିସ। ରଙ୍ଗରୁଟରେ ଯାଉଥିବାରୁ ୨୩ ଗାଡି ଜବତ କରାଯାଇଛି, ବେଆଇନ ପାର୍କିଂ ପାଇଁ ୩୫ ଜଣଙ୍କୁ ଜରିମାନା, ସିସିଟିଭି ଦ୍ୱାରା ୧୪୧ ଜଣଙ୍କୁ ଚିହ୍ନଟ କରାଯାଇ ଚାଲାଣ କଟାଯାଇଛି। ସେହିଭଳି ୮୭ଜଣ ବିନା ହେଲମେଟ୍‌ରେ ଯାଉଥିବାବେଳେ ଧରାପଡି ଜରିମାନା ଦେଇଛନ୍ତି। ୨୩ଜଣ ୪ ଚକିଆରେ ସିଟ୍‌ବେଲ୍ଟ ବାନ୍ଧି ନ ଥିବାରୁ ଓ ବାଇକରେ ୩ଜଣ ବସି ଯାଉଥିବାବେଳେ ୩୩ଜଣ ଧରାପଡି ଜରିମାନା ଗଣିଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ଏହାସହ ସୋମବାରଠାରୁ ମୋବାଇଲ୍ ଫୋନ୍‌ରେ କଥା ହୋଇ ଓ ରଙ୍ଗ୍‌ସାଇଡ୍ ଗାଡି ଚାଳନା ଉପରେ ଅଧିକ ଫୋକସ ଦିଆଯିବ ବୋଲି ଟ୍ରାଫିକ୍ ଡିସିପି ସାଗରିକା ନାଥ କହିଛନ୍ତି।

## ଗ୍ରନ୍ଥମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

**କଟକ ଅଫିସ,୧।୩:** ପୁସ୍ତକ ପ୍ରକାଶନ ସଂସ୍ଥା 'ଗ୍ରନ୍ଥମନ୍ଦିର'ର ପ୍ରତିଷ୍ଠାତା ଅଭିରାମ ମହାପାତ୍ର(୮୭)ଙ୍କର ରବିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ସବିତା ମହାପାତ୍ର, ସାନଭାଇ ରାଜାରାମ ମହାପାତ୍ର,



ଭିଣୋଇ ଉମାକାନ୍ତ ମିଶ୍ର, ତିନି ପୁଅ ଓ ଚାରି ଝିଅଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ବୁଦ୍ଧିଜୀବୀ ଓ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ଜଷ୍ଟିସ ବି.ଆର. ଷଡ଼ଙ୍ଗୀ, ଜଷ୍ଟିସ ବିଶ୍ୱଜିତ ମହାନ୍ତି, ଜଷ୍ଟିସ ବୀରକିଶୋର ମିଶ୍ର, କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଡ. ବିଜୟାନନ୍ଦ ସିଂ, ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ସୁବ୍ରତ ବାଗ୍‌ଚୀ ଓ ବୋର୍ଡର ସଭାପତି ରାମାଶିଷ ହାଜରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ସେହିପରି କଟକ ମହାନଗର ନାଗରିକ ମହାସଭା ସଭାପତି ଡା. ରବି ରଞ୍ଜନ ସାହୁ ଓ ଉତ୍କଳ ସାହିତ୍ୟ କଳା ପରିଷଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଏ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲା ବାଣପୁର ନିକଟସ୍ଥ କୁମାରଙ୍ଗ ଶାସନରେ ଅଭିରାମ ଜନ୍ମଗ୍ରହଣ କରିଥିଲେ।

# ତଥାପି ସୁଧୁରିଲେନି...

## ଧରାପଡ଼ି ତଣ୍ଡ ଗଣିଲେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀ



ଭୁବନେଶ୍ୱର ରାଜମହଲ ଛକରେ ଟ୍ରାଫିକ୍ ପୋଲିସ ପକ୍ଷରୁ ଯାଞ୍ଚ ଚାଲିଛି।

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ସେପ୍ଟେମ୍ବର ୧ରେ ନୂଆ ମୋଟର ଯାନ ଆଇନ ଲାଗୁ ହେଲା। ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ ସରକାର ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର ପାଇଁ ଦୁଇ ପର୍ଯ୍ୟାୟରେ ୬ ମାସ ସମୟ ଦେଇଥିଲେ। ଏହି ସମୟ ମଧ୍ୟରେ ଟ୍ରାଫିକ ନିୟମ ମାନିବା ପାଇଁ ପୋଲିସ ଓ ଆର୍‌ଟିଓ ପକ୍ଷରୁ ସଚେତନ କରାଗଲା। ହେଲେ ତଥାପି ସୁଧୁରିଲେନି ବେପରୁଆ ଗାଡ଼ି ଚାଳକ। ଶନିବାର କଣ୍ଟ ପୂରିବା ପରେ ରବିବାରଠାରୁ ପୋଲିସ ଓ ଆର୍‌ଟିଓ ପକ୍ଷରୁ ଯାଞ୍ଚ କଡ଼ାକଡ଼ି ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟମ ଉଲ୍ଲଂଘନକାରୀ ଧରାପଡ଼ି ତଣ୍ଡ ଗଣିଛନ୍ତି। ତେବେ କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରର ରାଜମହଲ ଛକ, ଜୟଦେବ ବିହାର ଛକ, ତନିସ୍କ ସ୍କୋୟାର, କୋଏଲ ଛକ, ରାଜଭବନ ଛକ, କଳ୍ପନା ଛକ ଆଦି ୧୦ ସ୍ଥାନରେ ଯାଞ୍ଚ କରାଯାଇଥିଲା। ସେହିଭଳି ଆର୍‌ଟିଓ-୧ ପକ୍ଷରୁ ୟୁନିଟ-୩ ବିଗ୍‌ବଜାର ଛକ, ରସୁଲଗଡ ଛକ, ଜଗନ୍ନାଥ ଶଡ଼କ, ଖୋର୍ଦ୍ଧା ଏବଂ ଆର୍‌ଟିଓ-୨ ପକ୍ଷରୁ ୩ ସ୍ଥାନରେ ଯାଞ୍ଚ କରାଯାଇଥିଲା। ତେବେ ରାଜମହଲ ଓ ଜୟଦେବ ବିହାର ଛକରେ ଜରିମାନାକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଥିଲା।

## ନାଲିଆଖି ଦେଖାଇଲେ ମହିଳା ଛାଡ଼ିଦେଲା ପୋଲିସ

ରାଜମହଲ ଛକରେ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ ଚାଲିଥିଲା। କ୍ୟାପିଟାଲ ଥାନା ପଟରୁ ଜଣେ ମହିଳା ରଙ୍ଗ୍ ସାଇଡ୍‌ରେ ରାଜମହଲ ଓଭରବ୍ରିଜ୍ ତଳେ ଯାଉଥିବାବେଳେ ଧରାପଡିଥିଲେ। ପୋଲିସ ତାଙ୍କ ଗାଡ଼ି ଜବତ କରିବାକୁ ଯାଉଥିବାବେଳେ ମହିଳା ଜଣକ ହଠାତ୍ ଉତ୍ତେଜିତ ହୋଇପଡ଼ିଥିଲେ। ପୋଲିସକୁ ନାଲିଆଖି ଦେଖାଇ କହିଥିଲେ, 'ମୋ ପୋଲିସ, ମୋ ଗାଡ଼ି, ମୁଁ ଜରିମାନା ଦେବି, କିନ୍ତୁ ଗାଡ଼ି କାହିଁକି ଦେବି। ରାତି ପାହିଗଲେ ମଧ ଗାଡ଼ି କାହାକୁ ଦେବିନି। ଆପଣଙ୍କ ପୋଲିସ ବର୍ଦ୍ଦି ଦେଖିନେବି। ବାଙ୍ଗାଲୋରରେ କଟକଣା ସ୍ଥାନରେ ବୋର୍ଡ ଲଗାଯାଇ ସୂଚନା ଦିଆଯାଇଛି। କିନ୍ତୁ ଏଠି କାହିଁକି ନୋ ଏଣ୍ଟ୍ରି ବୋର୍ଡ ଲଗାଯାଇନି। ମୁଁ କାହିଁକି ଜରିମାନା ଦେବି, ବରଂ ମୁଁ ପୋଲିସ ବିରୋଧରେ ଚାଲାଣ କାଟିବି ବୋଲି ପୋଲିସକୁ ନାଲିଆଖି ଦେଖାଇ ଧମକ ଦେଇଥିଲେ। ଶେଷରେ ପୋଲିସ ତାଙ୍କୁ ଛାଡି ଦେଇଥିବା ଜଣାପଡିଛି। ସେହିଭଳି ଜୟଦେବବିହାର ଛକରେ ଜରିମାନା କାଟିବାକୁ ନେଇ ପୋଲିସ ସହ ନିୟମ ଉଲ୍ଲଂଘନକାରୀଙ୍କର ଯୁକ୍ତିତର୍କ ହୋଇଥିଲା। ସେମାନେ ପୋଲିସର କାର୍ଯ୍ୟଧାରାକୁ ନେଇ ମଧ ଅଭିଯୋଗ ଉଠାଇ ପାଟି କରିଥିଲେ।



## ଜଣେ ବାଇକ ଚାଳକଙ୍କ ଉପରେ ୨୨ ହଜାର

ପ୍ରଥମ ଦିନରେ ଭୁବନେଶ୍ୱରର ଦୁଇ ଆର୍‌ଟିଓ ପକ୍ଷରୁ ଯାଞ୍ଚବେଳେ ନିୟମ ଉଲ୍ଲଂଘନକାରୀମାନେ ପ୍ରାୟ ୫ଲକ୍ଷ ଟଙ୍କା ତଣ୍ଡ ଗଣିଛନ୍ତି। ଆରଟିଓ-୧ ପକ୍ଷରୁ ୪ ସ୍ଥାନରେ ଯାଞ୍ଚ କରାଯାଇ ୨ ଲକ୍ଷ ଟଙ୍କା ଓ ଆରଟିଓ-୨ ପକ୍ଷରୁ ପଟିଆ ଅଞ୍ଚଳରେ ୩ ସ୍ଥାନରେ ଯାଞ୍ଚ କରାଯାଇ ୨ଲକ୍ଷ ୯୨ହଜାର ଜରିମାନା କରାଯାଇଛି। ସର୍ବାଧିକ ଜଣେ ବାଇକ ଚାଳକଙ୍କୁ ୨୨ ହଜାର ଟଙ୍କା ଜରିମାନା କରାଯାଇଛି। ଡିଏଲ୍, ଇନ୍ସୁରାନ୍ସ ଓ ଗାଡିର ଅନ୍ୟ କାଗଜ ନ ଥିବାରୁ ଏହି ଜରିମାନା କରାଯାଇଥିବା ଆରଟିଓ-୨ ଅଧିକାରୀ ସଞ୍ଜୟ ବେହେରା କହିଛନ୍ତି। ୧୦୫ ଚାଲାଣ କଟାଯାଇଥିବାବେଳେ ଘଟଣାସ୍ଥଳରୁ ୮୦ ହଜାର ଟଙ୍କା ଆଦାୟ ହୋଇଛି। ରଙ୍ଗସାଇଡ୍ ଗାଡି ଚାଳନା, ଫୋନ୍‌ରେ କଥାହୋଇ ଗାଡି ଚଲାଇବା, ହେଲମେଟ ନ ପିନ୍ଧିବା, ଗାଡିର କାଗଜପତ୍ର ନ କରିବା, ଦ୍ରୁତ ଗତି ଗାଡି ଚାଳନା ପାଇଁ ଲୋକେ ଜରିମାନା ଗଣିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କୁ କୌଣସି ପରିସ୍ଥିତିରେ ଛାଡିବୁ ନାହିଁ ବୋଲି ବେହେରା କହିଛନ୍ତି।

### ଲର୍ନିଂରେ ଏକୁଟିଆ ଗାଡ଼ି ଚଲାଇଲେ ଗଣିବେ ଜରିମାନା

ଡ୍ରାଇଭିଂ ଲାଇସେନ୍ସ ପାଇଁ ଲର୍ନିଂ ପାଇଥିବା ବ୍ୟକ୍ତି ଏକୁଟିଆ ଗାଡ଼ି ଚଲାଇ ପାରିବେ ନାହିଁ। ଲର୍ନିଂରେ ରାସ୍ତାରେ ଗାଡି ଚଳାଇଲେ ପଛରେ ଜଣେ ଡିଏଲ୍ ଥିବା ବ୍ୟକ୍ତି ବସିବେ। ନଚେତ ଧରାପଡିଲେ ଜରିମାନା ଦେବେ ବୋଲି ଆର୍‌ଟିଓ-୨ ସଞ୍ଜୟ ବେହେରା କହିଛନ୍ତି।

### ଅଟୋରେ ସ୍କୁଲ ପିଲାଙ୍କୁ ନେଲେ ହେବ କାର୍ଯ୍ୟାନୁଷ୍ଠାନ

ପରିବହନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଅଟୋରେ ସ୍କୁଲ ପିଲାଙ୍କୁ ପରିବହନ ବନ୍ଦ କରାଯାଇଛି। ଏହା ଉପରେ ଏଣିକି ଜୋରଦାର ଧରପଗଡ ହେବ। ଅଟୋ ଧରାଯିବା ପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ମଦୁଆ ଗାଡ଼ି ଚାଳକ ଓ ଦ୍ରୁତଗତି ଗାଡି ଚାଳନା ରୋକିବା ଉପରେ ଆରଟିଓ ଅଧିକ ଗୁରୁତ୍ୱ ଦେଉଛି। ସରକାର ସମୟ ଦେଲେ, କିନ୍ତୁ ଲୋକେ ଏବେ କାଗଜପତ୍ର ଆଳରେ ଖସିଯାଇ ପାରିବେ ନାହିଁ ବୋଲି ଆର୍‌ଟିଓ-୧ ଅଧିକାରୀ ପ୍ରଦୀପ ମହାନ୍ତି କହିଛନ୍ତି।

## ଯାଞ୍ଚକୁ ନେଇ କ'ଣ କୁହନ୍ତି ଏମାନେ...

**କମିଶନରେଟ ପୋଲିସ ଅନ୍ତର୍ଗତ କଟକ-ଭୁବନେଶ୍ୱର ଟୁଇନ୍ ସିଟିରେ ଚେକିଂ କଡାକଡି ହେବା ପରେ ଗାଡ଼ି ଚାଳକଙ୍କ ମଧ୍ୟରେ ଛନକା ପଶିଛି। ପ୍ରଥମଦିନରେ ଏହାକୁ ନେଇ ଛକ, ବଜାର, ପାନ, ଚା' ଦୋକାନଠୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚର୍ଚ୍ଚା ଜୋର୍ ଧରିଥିଲା।**

### ଡେଲ୍‌ଟା ବାଇକ୍‌ରେ ପାଟ୍ରୋଲିଂ ଜୋର୍‌ଦାର ହେଉ



କେତେକ ଛକ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଉଛି। ପ୍ରଥମେ କେତେଜଣ ଧରାପଡ଼ିଯିବା ପରେ ଅନ୍ୟମାନେ ଦୂରରୁ ଦେଖି ଆଗୁଆ ସତର୍କ ହୋଇ ବିଭିନ୍ନ ଗଳିବାଟ ଦେଇ ଖସି ଯାଉଛନ୍ତି। ବେଳେବେଳେ ରଙ୍ଗ୍ ସାଇଡ୍‌ରେ ଗାଡି ଚଳାଇ ଖସି ଯାଉଥିବା ମଧ ଦେଖିବାକୁ ମିଳୁଛି। ଏମାନଙ୍କୁ ଧରିବାକୁ ହେଲେ ଡେଲ୍‌ଟା ବାଇକ୍ ପାଟ୍ରୋଲିଂକୁ ଜୋର୍‌ଦାର କରାଯିବା ଆବଶ୍ୟକ। ଏବେ କିନ୍ତୁ ଏହି ବାଇକ୍ ଆଉ ପାଟ୍ରୋଲିଂ କରୁଥିବା ଦେଖିବାକୁ ମିଳୁନି। ଏହା ଉପରେ କମିଶନରେଟ ପୋଲିସ ଗୁରୁତ୍ୱ ଦେଉ।

– ସାନୁପ ନାୟକ, ନୟାପଲ୍ଲୀ ବାସିନ୍ଦା

### ମଦ୍ୟପ ଚାଳକ ସାବାଡ ହେବା ଦରକାର



ସମୟ ଦିଆଯିବା ସତ୍ତ୍ୱେ ଲୋକେ ସୁଧୁରୁ ନାହାନ୍ତି। ଅନେକ ଲୋକ ପଥଭ୍ରଷ୍ଟ ହୋଇ ମଦ୍ୟପାନ କରି ସହରରେ ବେପରୁଆ ଗାଡିଚାଳନା କରୁଛନ୍ତି। ଏମାନଙ୍କ ପାଇଁ ଦୁର୍ଘଟଣା ଘଟି ଅକାଳରେ ଅନେକ ଜୀବନ ଦୀପ ଲିଭିଯାଉଛି। ଜରିମାନା ଆଦାୟ କଡ଼ାକଡ଼ି ହେଲେ ସେମାନେ ନିଶ୍ଚୟ ସାବାଡ ହେବେ। ସେମାନେ ମୋଟା ଅଙ୍କର ଜରିମାନା ଭରିବା ପରେ ଯଦି ନ ସୁଧୁରନ୍ତି, ତେବେ ସେମାନଙ୍କ ଗାଡି ଓ ଡ୍ରାଇଭିଂ ଲାଇସେନ୍ସ ଜବତ ହେବା ଦରକାର।

– ମହେଶ ସାହୁ, ବାସିନ୍ଦା, କଟକ ରାଣୀହାଟ

### ପୋଲିସ ନିକଟରେ ଗୋଡ଼ ଭାଙ୍ଗି ଠିଆ ହେବାର ନାହିଁ



ନିୟମ ମାନିଲେ ବହୁ ଜୀବନ ବଞ୍ଚିଯିବ। ଆମେ ସୁନ୍ଦର ଓ ସୁରକ୍ଷିତ ଭାବେ ଯାତାୟାତ କରିପାରିବା। ହେଲେ ଚାଳକମାନେ କାହିଁକି ହେଲ୍‌ମେଟ କିମ୍ବା ସିଟ୍ ବେଲ୍ଟ ବାନ୍ଧୁନାହାନ୍ତି। ରଙ୍ଗ୍ ସାଇଡ୍, ମଦ୍ୟପାନ କରି ଗାଡି ଚଲାଇ ଜରିମାନା ଗଣୁଛନ୍ତି। ଗାଡ଼ି କାଗଜପତ୍ର ଠିକ୍ ରଖିବା ସହ ନିୟମ ମାନି ଗାଡ଼ି ଚଲାଇଲେ ଆମକୁ ପୋଲିସ ଧରିବ ନାହିଁ କି ଘଣ୍ଟା ଘଣ୍ଟା ଧରି ଯାଞ୍ଚସ୍ଥଳରେ ଗୋଡ଼ ଭାଙ୍ଗି ଠିଆ ହେବାର ନାହିଁ।

– ମୃତ୍ୟୁଞ୍ଜୟ ମହାପାତ୍ର, ସାମାଜିକ କର୍ମୀ, ବାଙ୍କୀ

## ନୋ ହେଲ୍‌ମେଟ, ନୋ ପେଟ୍ରୋଲ ବ୍ୟବସ୍ଥା ଗଲା କୁଆଡ଼େ

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପୂର୍ବରୁ ନୋ ହେଲ୍‌ମେଟ, ନୋ ପେଟ୍ରୋଲ ନିୟମ କରିଥିଲେ ଖୋର୍ଦ୍ଧା ଜିଲାପାଳ। ଏନେଇ ମଧ ପେଟ୍ରୋଲ ମାଲିକଙ୍କ ସହ ଆଲୋଚନା କରାଯାଇଥିଲା। କିଛିଦିନର ତତ୍ପରତା ଓ ପଦକ୍ଷେପ ପରେ ଏବେ ତାହାକୁ ପ୍ରଶାସନ ପାସୋରି ଗଲେଣି। କିନ୍ତୁ ପୁରୀରେ ରବିବାରଠାରୁ 'ନୋ ହେଲମେଟ, ନୋ ପେଟ୍ରୋଲ' ବ୍ୟବସ୍ଥା ଆରମ୍ଭ କରାଯାଇଛି। ପୁରୀ ଜିଲାର ସମସ୍ତ ପେଟ୍ରୋଲ ପମ୍ପ ମାଲିକଙ୍କୁ ଯୋଗାଣ ବିଭାଗ ଚିଠି କରି ଜଣାଇଛି। ଏପରି କି ହେଲ୍‌ମେଟ ପିନ୍ଧି ନ ଥିବା ଚାଳକଙ୍କୁ ତେଲ ଦେଲେ ଉକ୍ତ ପେଟ୍ରୋଲ ପମ୍ପ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଯାଇଛି। କିନ୍ତୁ ଭୁବନେଶ୍ୱରରେ ଏହି ବ୍ୟବସ୍ଥାକୁ କେବେ କଡ଼ାକଡ଼ି କରାଯିବ ସେ ସମ୍ପର୍କରେ କିଛି ବି ସୂଚନା ମିଳିନି।

## ରଙ୍ଗ୍ ସାଇଡ୍‌ରେ ଯାଉଥିଲା ପୋଲିସ ଭ୍ୟାନ୍

### ଭାଇରାଲ ହେଲା ଫଟୋ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ନୂଆ ମୋଟର ଯାନ ଆଇନକୁ ନେଇ ରବିବାର ରାଜଧାନୀରେ ଟ୍ରାଫିକ ଯାଞ୍ଚ ଚାଲିଥିବାବେଳେ କେତେଜଣ ନିୟମ ଉଲ୍ଲଂଘନକାରୀ ପୋଲିସ ଓ ଆର୍‌ଟିଓଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ଯୁକ୍ତି କରୁଥିଲେ। ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି ପୋଲିସ ବାରମ୍ବାର କହୁଥିବା ଶୁଣିବାକୁ ମିଳୁଥିଲା। ହେଲେ ରବିବାର ଟଙ୍କପାଣିରୋଡ଼ ସାଇ ମନ୍ଦିର ନିକଟରେ ଏକ ପୋଲିସ ଭ୍ୟାନ୍ ରାସ୍ତାର ରଙ୍ଗସାଇଡ୍‌ରେ ଯାଉଥିବା ଦେଖିବାକୁ ମିଳିଥିଲା। ଏପରି କି କେହି ଏହାର ଫଟୋ ଉଠାଇ ସୋସିଆଲ ମିଡିଆର ବିଭିନ୍ନ ଗ୍ରୁପ୍‌ରେ ଛାଡ଼ିଦେଇଥିଲେ। ତାହା ଏବେ ଭାଇରାଲ ହେଉଥିବାବେଳେ ଲୋକେ ନାନା ମନ୍ତବ୍ୟ ଦେଉଛନ୍ତି। ସମସ୍ତଙ୍କ ପାଇଁ ଆଇନ ସମାନ କହୁଥିବା ପୋଲିସ ନିଜେ ନିୟମ କାହିଁକି ଉଲ୍ଲଂଘନ କରୁଛି? ରଙ୍ଗ୍‌ସାଇଡ୍‌ରେ ଯାଉଥିବା ଭ୍ୟାନ୍ ବିରୋଧରେ ଚାଲାଣ କଟା ହେବ ତ ? ଏମିତି ଅନେକ ପ୍ରଶ୍ନ ଏବେ ଘୂରି ବୁଲୁଛି। ପୂର୍ବରୁ ପୋଲିସ ଭ୍ୟାନ୍ ରାଜଧାନୀର ରାସ୍ତା ମଝିରେ ଦୁଇ ଡୋର ଖୋଲି ଗାଡ଼ି ଚାଳନା କରୁଥିବା ଭିଡିଓ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେହିଭଳି ଏକାଧିକ ପୋଲିସ କର୍ମଚାରୀ ବିନା ହେଲ୍‌ମେଟରେ ଗାଡି ଚାଳନା କରୁଥିବା ଫଟୋ କମିଶନରେଟ ପୋଲିସକୁ ଲୋକେ ଟ୍ୱିଟ୍ କରିବା ପରେ ଜରିମାନା କରାଯାଇଥିଲା। ସେହିଭଳି ରବିବାର ପୋଲିସ ଭ୍ୟାନ ରଙ୍ଗ୍ ସାଇଡ୍‌ରେ ଗାଡି ଚାଳନା କରୁଥିବାରୁ ଏହାକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱ ଦେବେନ୍ଦ୍ର କୁମାର ଦାସ (ବୁଲୁ ଦାସ)
ଆବିର୍ଭାବ : ୧୨.୦୬.୧୯୬୧
ତିରୋଧାନ : ୨୧.୦୨.୨୦୨୦
ଗ୍ରାମ : ପାଣ୍ଡିଆସାହି, ପୁରୁଣାଗଡ଼ ଥାନା : ବନ୍ତଲା, ଜି: ଅନୁଗୁଳ
ତୁମର ନିଷ୍କପଟ ସ୍ନେହଶ୍ରଦ୍ଧା ଓ କର୍ତ୍ତବ୍ୟପରାୟଣତା ଆମପାଇଁ ପ୍ରେରଣାର ଉତ୍ସ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ପତ୍ନୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ
ଧ-୧୬୯୬୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ତରୁଣ କୁମାର ଦାଶ (ଟିଙ୍କୁ)
ତିରୋଧାନ: ୦୨।୦୩।୨୦୧୬
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ପାଇଁ ପଥପ୍ରଦର୍ଶକ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ବାପା, ନାନୀ, ନନା, ଭଣଜା, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୦୧୪


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଜଗତ



ସନ୍ତୋଷ



ଲାଲି



ସନତ୍



ସୌମ୍ୟାଶ୍ରୀ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ଚାହିଦାରେ ବନ୍ଧୁକ ପିଚକାରି, ମୁଖା

**କଟକ ଅଫିସ, ୧।୩**

ଆସୁଛି ରଙ୍ଗର ପର୍ବ ହୋଲି। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି କଟକ ସହର। ଏବେଠାରୁ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ରଙ୍ଗ ଓ ପିଚକାରି ବ୍ୟବସାୟ ଜମି ଆସିଲାଣି। ବିଶେଷକରି ଚୌଧୁରୀ ବଜାର, ଦରଘା ବଜାର, ଦୋଳମୁଣ୍ଡାଇ, ରାଣୀହାଟ, ବକ୍ସିବଜାର, ପିଠାପୁର ଓ କଲେଜ ଛକ ଆଦି ସ୍ଥାନରେ ଖୋଲିଥିବା ଷ୍ଟଲରେ ବିଭିନ୍ନ ପ୍ରକାରର ଅବିର କିଣିବା ପାଇଁ ଗହଳି ଲାଗିଛି। ଚଳିତବର୍ଷ ବଜାରରେ ରାସାୟନିକ ଓ ଚାଇନା ରଙ୍ଗ ବଦଳରେ ଅବିର ବିକ୍ରି କରାଯାଉଛି। ଏହାଛଡ଼ା ଛୋଟପିଲାଙ୍କ ପାଇଁ ମୁଖା, ଟୁପିର ବେଶ୍ ଚାହିଦା ରହିଥିବା କେତେଜଣ ବ୍ୟବସାୟୀ କହିଛନ୍ତି। ବଜାରରେ ୭ରୁ ୮ ପ୍ରକାରର ଅବିର ମିଳୁଛି। ଏହାର ଦାମ୍ କିଲୋ ପ୍ରତି ୧ଶହ ଟଙ୍କାରୁ ୫ଶହ ମଧ୍ୟରେ ରହିଛି। ସେହିପରି ଗୋଟିଏ ଅବିର ପ୍ୟାକେଟ୍‌ର ମୂଲ୍ୟ ୨୦ରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ମୁଖାର ମୂଲ୍ୟ ୩୬ଟଙ୍କାରୁ ଆରମ୍ଭ ହୋଇ ୯୦ଟଙ୍କା ଓ ଫ୍ୟାନ୍ସି ଚଷମାର ମୂଲ୍ୟ ୩୦ଟଙ୍କାରୁ ଆରମ୍ଭ କରି ୧୪୦ଟଙ୍କା ରହିଛି। ଚଳିତବର୍ଷ ରଙ୍ଗ ଟ୍ୟାଙ୍କ୍‌ର ଚାହିଦା ରହିଛି। ଏହାର ମୂଲ୍ୟ ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ବନ୍ଧୁକ ଆକୃତିର ପିଚ୍‌କାରିକୁ ଛୋଟ ପିଲାମାନେ ବେଶ୍ ପସନ୍ଦ କରୁଛନ୍ତି। ଏହାର ଦାମ ୨୦ରୁ ୫୦ଟଙ୍କା ମଧ୍ୟରେ ରହିଛି। ହୋଲି ପାଇଁ ସହରକୁ ଦିଲ୍ଲୀ, କଲିକତା, ରାୟପୁର ଓ ଚେନ୍ନାଇରୁ ମାଲ୍ ଆସିଥାଏ। ପ୍ରାୟ ୧ ମାସ ପୂର୍ବରୁ ବେପାର ଆରମ୍ଭ ହୋଇଥାଏ ବୋଲି ବ୍ୟବସାୟୀମାନେ ମତ ଦେଇଥିଲେ।

### ଆସୁଛି ହୋଲି

ଜମି ଆସିଲାଣି ବେପାର



### ଏମାନେ କ'ଣ କୁହନ୍ତି...



ରାସାୟନିକ ଓ ଚାଇନା ରଙ୍ଗ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ହେଲେ କେତେଜଣ ବ୍ୟବସାୟୀ ଚୋରାରେ ମଧ ଏହାକୁ ବିକ୍ରି କରୁଛନ୍ତି। ହେଲେ ରଙ୍ଗ ପରିବର୍ତ୍ତେ ଗ୍ରାହକମାନେ ଅବିର କିଣିବାକୁ ପସନ୍ଦ କରୁଛନ୍ତି।

- ଅବିନାଶ ନନ୍ଦୀ, ବ୍ୟବସାୟୀ, ଚୌଧୁରୀ ବଜାର



ହୋଲି ପାଇଁ ଏବେଠାରୁ ବେପାର ଜମିଲାଣି। ପ୍ରତିଦିନ ଛୋଟପିଲାଙ୍କର ଭିଡ ଲାଗି ରହୁଛି। ସେମାନେ ରଙ୍ଗ ଟ୍ୟାଙ୍କ ସହିତ କାର୍ଟୁନ ଥିବା ମୁଖାକୁ ଅଧିକ କିଣୁଛନ୍ତି।

- କେଦାର ରାୟ, ବ୍ୟବସାୟୀ, କଲେଜ ଛକ



କଟକରେ ସବୁ ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ହୋଲି ପର୍ବକୁ ପାଳନ କରିବା ପାଇଁ ୧୦ଦିନ ଆଗରୁ ଅବିର କିଣି ଘରେ ରଖିଛି। ଚଳିତବର୍ଷ ସାଙ୍ଗମାନଙ୍କୁ ଅବିର ମାରି ଭରପୂର ମଜା ନେବି।

- କୈଳାସ ଚନ୍ଦ୍ର ବାରିକ, ଗ୍ରାହକ



ପଇସାକୁ ଯଦି ଜ୍ଞାନ ଅର୍ଜନରେ ଖଟାଇଲ ଜାଣି ରଖ ସବୁଠାରୁ ଉଚ୍ଚ ହାରରେ ସୁଧ ମିଳିବ।
- ଫ୍ରାଙ୍କଲିନ୍



# ପୂର୍ବ ଶତ୍ରୁତାକୁ ନେଇ ମାରପିଟ, ୪ ଗିରଫ

**ବାରଙ୍ଗ,୧।୩(ଡି.ଏନ୍.ଏ):** ଚନ୍ଦକା ଥାନା ଅନ୍ତର୍ଗତ ପାଇକେରାପୁର ଅଞ୍ଚଳର ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ ଅଭିଯୋଗରେ ରବିବାର ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ପଙ୍କଜ ମଲିଆ ଓ ତାଙ୍କ ସ୍ତ୍ରୀ ଚିନ୍ମୟୀ ମଲିଆ, ଶିବପ୍ରସାଦ ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ବବି ତ୍ରିପାଠୀ। ସୂଚନାଯୋଗ୍ୟ, ଶନିବାର ଏହି ଦୁଇଟି ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ କଥା କଟାକଟି ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏ ନେଇ ଶିବ ଓ ଚିନ୍ମୟୀ ପରିବାର ଉଭୟଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୩୩/୨୦ ଓ ୩୪/୨୦ରେ ଦୁଇଟି ପୃଥକ ମାମଲା ରୁଜୁକରି ଚାରିଜଣଙ୍କୁ ରବିବାର ଗିରଫ କରିଥିଲା।

# ୧୦୮ ଆମ୍ବୁଲାନ୍ସ ଡାକି ସମ୍ପର୍କୀୟଙ୍କ ଘରକୁ ଗଲେ ଯୁବକ




## ସମସ୍ୟା ବଢ଼ାଉଛି ଫେକ୍ କଲ୍

**ଭୁବନେଶ୍ୱର,୧।୩(ବ୍ୟୁରୋ)**

୧୦୮ ଆମ୍ବୁଲାନ୍ସ ପାଇଁ ଦିନକୁ ଦିନ ଫେକ୍ କଲ୍ ସମସ୍ୟା ସୃଷ୍ଟି କରୁଛି। ଅନେକ ସମୟରେ ଅସୁବିଧାର ବାହାନା କରି ଲୋକେ ଏହି ଜରୁରିକାଳୀନ ସେବାର ଅପବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ନିକଟରେ ଦୁଇଜଣ ଯୁବକ ଏଭଳି ଆମ୍ବୁଲାନ୍ସକୁ ବ୍ୟବହାର କରି ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ଜଣାପଡିଛି। ବାଲେଶ୍ୱର ଜିଲା ନୀଳଗିରି ଥାନା ଔପଦା ଖଜିରା ଗ୍ରାମରେ ଗତ ଗୁରୁବାର ଏଭଳି ଘଟଣା ଦେଖିବାକୁ ମିଳିଛି। ସକାଳ ପ୍ରାୟ ୯ଟାରେ ଖଜିରା ଅଞ୍ଚଳର ରାମଚନ୍ଦ୍ର ନାମକ ଜଣେ ଯୁବକ ସ୍ଥାନୀୟ ଅଞ୍ଚଳରେ କେହି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରୁଥିବା କହି ୧୦୮ ଆମ୍ବୁଲାନ୍ସକୁ କଲ୍ କରି ଡାକିଥିଲେ। ଆମ୍ବୁଲାନ୍ସ ପହଞ୍ଚି ଆତ୍ମହତ୍ୟା କରୁଥିବା ଯୁବକଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯିବା ପାଇଁ କହିଥିଲେ। ହେଲେ ଉକ୍ତ ଯୁବକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ମନା କରିଦେଇଥିଲେ। ଏହା ଶୁଣି ଆମ୍ବୁଲାନ୍ସ କର୍ମଚାରୀ ପ୍ରଥମେ କିଛି ବୁଝି ପାରି ନ ଥିଲେ। ପରବର୍ତ୍ତୀ ସମୟରେ କର୍ମଚାରୀମାନେ ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ବିଷୟରେ ଜାଣିପାରିଥିଲେ। ଯୁବକ ଦୁଇଜଣ ମିଛ କହି ଆମ୍ବୁଲାନ୍ସକୁ ଡାକିଥିବା ଯୋଗୁ କର୍ମଚାରୀମାନେ ଏନେଇ ଥାନାରେ ଅଭିଯୋଗ କରିବା ପାଇଁ କହିବା ପରେ ଯୁବକ ଦୁଇଜଣ ବାଧହୋଇ ଆମ୍ବୁଲାନ୍ସରେ ବସିଥିଲେ। ହେଲେ ପ୍ରାୟ ୨ କିମି ଯିବା ପରେ ହାତୀଖୁଲିଆ ନିକଟରେ ସମ୍ପର୍କୀୟଙ୍କଠାରୁ ଟଙ୍କା ଆଣିବାର ବାହାନା କରି ଉଭୟ ଆମ୍ବୁଲାନ୍ସରୁ ଓହ୍ଲାଇ ଯାଇଥିଲେ। ଆସିବାରେ ବିଳମ୍ବ ହେବାରୁ ଆମ୍ବୁଲାନ୍ସ କର୍ମଚାରୀ ଫୋନ୍ କରିବାରୁ ସେମାନେ ଆଉ ଆସିବେ ନାହିଁ ବୋଲି କହିଥିଲେ। ତେବେ ଯୁବକ ଦୁଇଜଣ ଜାଣିଶୁଣି ସମ୍ପର୍କୀୟଙ୍କ ଘରକୁ ଯିବା ପାଇଁ ଏଭଳି କାଣ୍ଡ କରିଥିବା ଜଣାପଡିଥିଲା। ଏନେଇ ଆମ୍ବୁଲାନ୍ସ ସେବା ଦାୟିତ୍ୱରେ ଥିବା ମ୍ୟାନେଜର ହାବିବୁର ରହମାନ ଥାନାରେ ଅଭିଯୋଗ କରିଥିଲେ।

# ମଙ୍ଗଳାଯୋଡ଼ିରେ ବିରଳ ଆଲବିନୋ କାମ ପକ୍ଷୀ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ପକ୍ଷୀଙ୍କ ସ୍ୱର୍ଗ କୁହାଯାଉଥିବା ଚିଲିକାର ମଙ୍ଗଳାଯୋଡ଼ିରେ ବିରଳ ଆଲ୍‌ବିନୋ ପର୍ପଲ ମୁର୍ ହେନ୍ ବା ଆଲ୍‌ବିନୋ କାମ ପକ୍ଷୀ ଠାବ ହୋଇଛି। ପର୍ପଲ ମୁର ହେନ୍‌କୁ ଓଡ଼ିଆରେ କାମ ପକ୍ଷୀ ବୋଲି କୁହଯାଏ। ଏହାର ବୈଜ୍ଞାନିକ ନାମ ହେଉଛି ପୋର୍‌ଫିରିଓ। ମଙ୍ଗଳାଯୋଡ଼ିରେ ପୋର୍‌ଫିରିଓ ଏକ ରେସିଡେଣ୍ଟ ପକ୍ଷୀ ଏବଂ ବହୁଳ ସଂଖ୍ୟାରେ ମିଳନ୍ତି। କିନ୍ତୁ ଆଲ୍‌ବିନୋ କାମ ପକ୍ଷୀ ପ୍ରଥମ କରି ଦେଖାଯାଇଛି। ଏକ ସାଧାରଣ କାମ ପକ୍ଷୀର ଶରୀର ବାଇଗଣୀ ଓ ନୀଳ ରଙ୍ଗର ହେବା ସହ ଲମ୍ବା ଗୋଡ଼ ଏବଂ ଥଣ୍ଟ ନାଲି ରଙ୍ଗର ହୋଇଥାଏ। ଲାଞ୍ଜ ଆବରଣ ତଳେ ଧଳା ଥାଏ। କିନ୍ତୁ ଠାବ କରାଯାଇଥିବା ଆଲ୍‌ବିନୋ କାମ ପକ୍ଷୀଟିର ଶରୀର ସମ୍ପୂର୍ଣ୍ଣ ଧଳା ରଙ୍ଗର ଅଟେ। ବିଶେଷଜ୍ଞଙ୍କ କହିବାନୁସାରେ, ଜେନେଟିକ୍ ମ୍ୟୁଟେଶନ ଯୋଗୁ ଶରୀରରେ ମେଲାନିନ୍ ପିଗ୍‌ମେଣ୍ଟର ଅଭାବ ହୋଇଥାଏ। ଫଳରେ ପ୍ରାଣୀମାନଙ୍କଠାରେ ଆଲ୍‌ବିନିଜିମ୍ ଦେଖାଯାଇଥାଏ। ଏହି ପ୍ରାଣୀମାନେ ପ୍ରାୟତଃ ସମ୍ପୂର୍ଣ୍ଣ ଧଳା, ହେଲେ ଆଖି ଉଜ୍ଜ୍ୱଳ ଗୋଲାପୀ କିମ୍ବା ଲାଲ ହୋଇଯାଏ।

ଗୋଲାପୀ ଆଖି ଥିବା ସମ୍ପୂର୍ଣ୍ଣ ଧଳା ରଙ୍ଗର ଏହି ପକ୍ଷୀକୁ ବାର୍ଡ ଗାଇଡ୍ ମଧୁ ବେହେରା ପ୍ରଥମେ ଦେଖି ଫଟୋ ଉଠାଇଥିଲେ। ଏହି ପକ୍ଷୀଟି ଅନ୍ୟ କାମ ପକ୍ଷୀଙ୍କ ସହ ଚରୁଥିବା ମଧୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମଧୁ କହିଛନ୍ତି, ଏହା ପ୍ରଥମ କରି ମଙ୍ଗଳାଯୋଡ଼ିରେ ଦେଖାଯାଇଛି। ତେବେ ପକ୍ଷୀଟି କେଉଁ ପ୍ରଜାତିର ତାହା ମୁଁ ନିଶ୍ଚିତ ନ ଥିଲି। ଫଟୋକୁ ଦେଖି ଅନେକ ପକ୍ଷୀ ବିଶାରଦ ଏହା ଆଲ୍‌ବିନୋ ପର୍ପଲ ମୁର ହେନ୍ ବୋଲି ଚିହ୍ନଟ କରିଛନ୍ତି। ସେମାନଙ୍କ କହିବାନୁସାରେ ଏହା ଭାରତରେ ପ୍ରଥମ ଥର ପାଇଁ ଦେଖାଯାଇଛି। ସମ୍ଭବତଃ ବିଶ୍ୱରେ ମଧ୍ୟ ଏହା ପ୍ରଥମ ହୋଇପାରେ। ପକ୍ଷୀ ବିଶାରଦ ଗହର ଆବେଦିନ କୁହନ୍ତି, ମୁଁ ନିଜେ ଆଲ୍‌ବିନୋ ପାଣି କୁଆ ଦେଖିଛି ଓ ତା'ର ଫଟୋ ଉଠାଇଛି। କିନ୍ତୁ ଆଲ୍‌ବିନୋ ପର୍ପଲ ମୁର ହେନ୍ କେବେ ଦେଖିନାହିଁ କି ଆଉ କେହି ଦେଖିଥିବା ଜାଣିନାହିଁ। ଅନ୍ୟପଟେ ଏହି ପକ୍ଷୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ଆଲ୍‌ବିନୋ ପକ୍ଷୀର ପର୍ଯ୍ୟଟକ ଆକର୍ଷଣ ରହିଛି। ଆଗାମୀ ଅଫ୍ ସିଜନ୍‌ରେ ପର୍ଯ୍ୟଟକମାନେ କେବଳ ଏହି ବିରଳ ଆଲ୍‌ବିନୋ କାମ ପକ୍ଷୀକୁ ଦେଖିବା ପାଇଁ ଆସିବେ ବୋଲି ବିଶେଷଜ୍ଞମାନେ ଆଶା ରଖିଛନ୍ତି।



# ୨୧ ଘଣ୍ଟା ପରେ ଶ୍ରୀଜୀଉଙ୍କ ହେଲା ନୀତିକାନ୍ତି

## ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପ୍ରସଙ୍ଗ

**ପୁରୁଣା ଭୁବନେଶ୍ୱର, ୧।୩ (ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜଙ୍କ ଶନିବାରଠାରୁ ବନ୍ଦ ଥିବା ନୀତିକାନ୍ତି ୨୧ଘଣ୍ଟା ପରେ ରବିବାର ସ୍ୱାଭାବିକ ହୋଇଛି। ସକାଳ ସାଢେ ୬ଟାରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି, ଅବକାଶ, ସର୍ବସାଧାରଣଙ୍କ ଦର୍ଶନ ପରେ ଅନ୍ୟାନ୍ୟ ନୀତିକାନ୍ତି କ୍ରମାନ୍ୱୟରେ ସମ୍ପାଦିତ ହୋଇଥିଲା। ଶନିବାର କେବଳ ମଙ୍ଗଳଆଳତି, ଅବକାଶ, ସାଧାରଣ ଦର୍ଶନ ପରଠାରୁ ଅର୍ଥାତ ସକାଳ ସାଢେ ୯ଟାରୁ ଶ୍ରୀଜୀଉଙ୍କ ନୀତି ବନ୍ଦ ରହିଥିଲା। କାରଣ ଥିଲା ଶ୍ରୀଲିଙ୍ଗରାଜଙ୍କ ୨୦୧୫ ଅଁଳା ନବମୀଠାରୁ ବନ୍ଦ ଥିବା ହାଣ୍ଡିଭଙ୍ଗା ଯାତ୍ରା ସ୍ୱାଭାବିକ କରିବା। ପ୍ରାୟ ୯ ଶହ ବର୍ଷ ପୂର୍ବରୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପରମ୍ପରା ଭିତ୍ତିରେ ମହାଶିବରାତ୍ରି ପରେ ପ୍ରଥମ ଶନିବାର ଦିଅଁଙ୍କର ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହିଦିନ ଶ୍ରୀଜୀଉ ସ୍ୱତନ୍ତ୍ର ଶୋଭାଯାତ୍ରାରେ ଶ୍ରୀକପିଳେଶ୍ୱର ମନ୍ଦିର ଯାତ୍ରା କରିଥାନ୍ତି। ସେଠାରେ ଥିବା ଖଟୁଲିରେ ଅବସ୍ଥାନ ପରେ ଭୋଗ ଲାଗି ହୋଇଥାଏ। ପରିସରରେ ଥିବା ଶନି ମନ୍ଦିରରେ ଆଳତି ହୋଇ ଭୋଗ ଲାଗି ହୋଇଥାଏ ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ୨୦୧୫ଠାରୁ ଶ୍ରୀକପିଳେଶ୍ୱର ମନ୍ଦିରରେ ଖୁଣ୍ଟିଆ ଓ ମଲିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖା ଦେଇଥିଲା।

ସୂଚନାଥାଉ କି ତତ୍‌କାଳୀନ ଦେବୋତ୍ତର ବିଭାଗ ଉପ କମିଶନର ଏହି ଦ୍ୱନ୍ଦ୍ୱର ସମାଧାନ କରି ପାରି ନ ଥିଲେ। ଫଳରେ ଶ୍ରୀଜୀଉଙ୍କ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ହୋଇ ଯାଇଥିଲା। ଯାହାକୁ ନେଇ ସେହି ସମୟରେ ବୁଦ୍ଧିଜୀବୀ ଓ ସେବାୟତଙ୍କ ମହଲରେ ନାପସନ୍ଦ କରାଯାଇଥିଲା। ଚଳିତବର୍ଷ ଏହି ଯାତ୍ରା ପୁଣି ଆରମ୍ଭ କରି ପରମ୍ପରା ଫେରାଇ ଆଣିବାକୁ ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗ ପକ୍ଷରୁ ଦାବି ହୋଇଥିଲା। ଶନିବାର ଦେବୋତ୍ତର କମିଶନର ହାଣ୍ଡିଭଙ୍ଗା ଯାତ୍ରା ସ୍ୱାଭାବିକ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାରୁ ରବିବାର ଦିଅଁଙ୍କ ନୀତିକାନ୍ତି ଆରମ୍ଭ ହୋଇଥିବା ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି।




ପାର୍କ ଉତ୍ସବ ଅବସରରେ ଇନ୍ଦିରା ଗାନ୍ଧୀ ପାର୍କରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

# ସଚେତନତା ବାର୍ତ୍ତା ଦେଲା ପାର୍କ ଉତ୍ସବ

- ନାଗରିକଙ୍କ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ହେବାକୁ ପରାମର୍ଶ
- ସ୍ୱେଚ୍ଛାସେବୀଙ୍କୁ ସମ୍ମାନ ଦେବାକୁ ସଚେତନ କଲେ କର୍ତ୍ତୃପକ୍ଷ
- ବିଜୁ ପଟ୍ଟନାୟକ ପାର୍କ ଓ ଖାରବେଳ ପାର୍କରେ ପରବର୍ତ୍ତୀ ପାର୍କ ଉତ୍ସବ

**ଭୁବନେଶ୍ୱର, ୧।୩ (ବ୍ୟୁରୋ)**

ଭୂକମ୍ପ, ବନ୍ୟା କିମ୍ବା ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ସହ ଏକ ନିରାପଦ ସମାଜ ଗଠନ କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱେଚ୍ଛାସେବୀଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। ଅନ୍ୟପକ୍ଷରେ ଆପାତକାଳୀନ କିମ୍ବା ପ୍ରାକୃତିକ ଦୁର୍ବିପାକରେ ନାଗରିକଙ୍କ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ହେବା ଆବଶ୍ୟକ। ରବିବାର ଇନ୍ଦିରା ଗାନ୍ଧୀ (ଆଇଜି) ଏବଂ ବୁଦ୍ଧ ଜୟନ୍ତୀ ପାର୍କରେ ଅନୁଷ୍ଠିତ ପାର୍କ ଉତ୍ସବ ଏଭଳି ବାର୍ତ୍ତା ଦେଇଛି।

ଏଥର ପାର୍କ ଉତ୍ସବରେ 'ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ' ଏବଂ 'ଶିଶୁଙ୍କ ସୁରକ୍ଷା, ଆମର ଦାୟିତ୍ୱ' ବିଷୟବସ୍ତୁକୁ ନେଇ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଇଜି ପାର୍କରେ ସ୍ୱେଚ୍ଛାସେବୀଙ୍କୁ କିପରି ସମ୍ମାନ ଜଣାଇବେ ସେ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ଏହି ଅବସରରେ ନାଗରିକଙ୍କୁ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ସହ ଆବଶ୍ୟକ ସହାୟତା, ଅଗ୍ନି ନିର୍ବାପକ, ଉଦ୍ଧାର, ଭିଡ଼ ପରିଚାଳନା ଭଳି ଅନେକ ଦକ୍ଷତା ପ୍ରଦର୍ଶନ କରିଥିଲେ। ସେହିପରି ବୁଦ୍ଧ ଜୟନ୍ତୀ ପାର୍କରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଲୋକେ ରକ୍ତଚାପ, ବଡି ମାସ ଇଣ୍ଡେକ୍ସ (ବିଏମ୍‌ଆଇ) ଏବଂ ଶରୀରର ଗ୍ଲୁକୋଜର ସ୍ତର ପରୀକ୍ଷା କରିଥିଲେ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାରକୁ ବନ୍ଦ କରିବା ନେଇ ସଚେତନ କରାଯାଇଥିଲା। ଆସନ୍ତା ୮ ତାରିଖରେ ବିଜୁ ପଟ୍ଟନାୟକ ପାର୍କ ଓ ଖାରବେଳ ନଗର ପାର୍କ ଏବଂ ୧୫ ତାରିଖରେ ଆଇଜି ପାର୍କ ଓ ମଧୁସୂଦନ ପାର୍କରେ ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।



ଉଦ୍ଧାର କାର୍ଯ୍ୟ ନେଇ ସଚେତନ କରାଯାଉଛି।



ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ରବିବାର ରାଜ୍ୟ ମହିଳା କମିଶନ ପକ୍ଷରୁ ଭୁବନେଶ୍ୱରରେ ଶୁଭାରମ୍ଭ ହୋଇଥିବା 'ଶକ୍ତି ପଦଯାତ୍ରା'।

# ରାଜେଶଙ୍କ ମୃତ୍ୟୁ ଘଟଣାରେ ସାଙ୍ଗମାନଙ୍କ ସମ୍ପୃକ୍ତି ଅଭିଯୋଗ

**ଭୁବନେଶ୍ୱର,୧।୩ (ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳରେ ଭଡ଼ାଘରେ ରହୁଥିବା କଟକ ଜିଲା ବାଙ୍କୀ ଅଞ୍ଚଳର ରାଜେଶ ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ନୂଆମୋଡ଼ ଆସିଛି। ରାଜେଶଙ୍କ ମୃତ୍ୟୁ ଘଟଣାରେ କେତେଜଣ ସାଙ୍ଗଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ପୋଲିସ କେବଳ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରି ଦିନଗଡ଼ାଇ ଚାଲିଛି। ତେଣୁ ଘଟଣାର ଉଚିତ ତଦନ୍ତ କରାଯାଇ ନ୍ୟାୟ ଦେବା ପାଇଁ ରାଜେଶଙ୍କ ଭାଇ ସୁବ୍ରତ ଦାବି କରିଛନ୍ତି।

ସୂଚନା ମୁତାବକ,ଗତ ୨୨ ତାରିଖ (ମହାଶିବରାତ୍ରି) ରାତି ସାଢେ ୮ଟାରେ ରାଜେଶ ଘର ବାହାରେ ବାନ୍ତି କରୁଥିବାବେଳେ ଘର ମାଲିକ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ୧୩/୨୦ ନମ୍ବରରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ରାଜେଶଙ୍କ ରୁମ୍‌ରେ ଏକ ଅଧା ଚକୋଲେଟ, କିଛି ଅଧାଜଳା ସିଗାରେଟ, ମଦ ବୋତଲ ଓ ଗ୍ଲାସ ପଡ଼ିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ତେଣୁ ରାଜେଶଙ୍କୁ କେହି ପାନୀୟରେ କିଛି ମିଶାଇ ପିଇବାକୁ ଦେବା ପରେ ଫେରାର ହୋଇଯାଇଥିବା ନେଇ ସୁବ୍ରତ ସନ୍ଦେହ କରୁଛନ୍ତି। ରାଜେଶ ଓ ତାଙ୍କ ସହ ରହୁଥିବା ୨ ସାଙ୍ଗ ମିଶି ଏକ କେମିକାଲ ବ୍ୟବସାୟ କରୁଥିଲେ। ରାଜେଶ ଉକ୍ତ କେମିକାଲ ବେପାରରୁ ଭଲ ରୋଜଗାର କରୁଥିଲେ। ତେଣୁ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ପଚରାଉଚରା କଲେ ସତ୍ୟତା ପଦାକୁ ଆସିବ ବୋଲି ସୁବ୍ରତ ଗଣମାଧ୍ୟମ ନିକଟରେ ଜଣାଇଛନ୍ତି। ତଦନ୍ତ ଅଧିକାରୀ ଦିଗ୍‌ବିଜୟିନୀ ବାଗ୍ କହିଛନ୍ତି, ପୂର୍ବରୁ ଜଣେ ସାଙ୍ଗଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଥିବାବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ବା ଭିସାରା ରିପୋର୍ଟକୁ ଅପେକ୍ଷା କରାଯାଇଛି। ୨ ଦିନ ଭିତରେ ରିପୋର୍ଟ ଆସିଯିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଏହାପରେ ସନ୍ଦେହ ଘେରରେ ଥିବା ଅନ୍ୟ ସାଙ୍ଗମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସେ କହିଛନ୍ତି।

# ଦାଦନରୁ ଫେରି ସଫଳ ଚାଷୀ



ଗେଣ୍ଡୁ ଚାଷ ବୁଲି ଦେଖୁଛନ୍ତି କୃଷି ବୈଜ୍ଞାନିକ, କର୍ମଚାରୀମାନେ।

**ଖୋର୍ଦ୍ଧା ଅଫିସ, ୧।୩ :**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଚାଷୀଙ୍କ ଚାଷ ଉପରେ କ୍ରମାଗତ ଭାବେ ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପବୃଷ୍ଟି, ଅଦିନିଆ ବର୍ଷା, ସାମୁଦ୍ରିକ ଝଡ଼ ସାଙ୍ଗକୁ ରୋଗପୋକ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ସରକାରୀ ସହାୟତା, ବିଭିନ୍ନ ଯୋଜନାର ସୁଫଳ ନ ପାଇ ବହୁ ଚାଷୀ ଚାଷରୁ

## ଅର୍ଥକରୀ ଫସଲ ବଢାଇବାକୁ ପ୍ରୟାସ

ମୁହଁ ଫେରାଇ ଦାଦନ ଖଟିବାକୁ ଯାଉଥିଲେ। କେତେଜଣ ଚାଷୀ ଅନ୍ୟ ରାଜ୍ୟରେ ନିର୍ଯାତିତ ହୋଇ ନିଜ ଭିଟା ମାଟିକୁ ଫେରିଛନ୍ତି। ସେମାନେ ଚାଷକୁ ପୁଣି ଆପଣେଇ ନେଇଛନ୍ତି। ସମନ୍ୱିତ ଚାଷ ବା ଅର୍ଥକରୀ ଫସଲକୁ ଗୁରୁତ୍ୱ ଦେଇଛନ୍ତି। ଫଳରେ ଏବେ ହେକ୍ଟର ହେକ୍ଟର ଜମିରେ ସୁନାର ଫସଲ ଫଳାଇ ସଫଳ ଚାଷୀ ହୋଇ ପାରିଛନ୍ତି। ଏଥିରେ ବିଭିନ୍ନ ପ୍ରକାର ପରିବା, ଆମ୍ବ, ଗେଣ୍ଡୁ ଫୁଲ, ମହୁ, ଗୁଣ୍ଡୁରି ପକ୍ଷୀ ଆଦି ଚାଷ ରହିଛି। ଚାଷୀଙ୍କୁ ବ୍ଲକ କୃଷି ବିଭାଗ ପକ୍ଷରୁ ଚାଷ ସମ୍ପର୍କରେ ସଚେତନ କରାଯାଉଛି। ସରକାରୀ ପ୍ରୋତ୍ସାହନ ଯୋଗୁ ଚାଷୀ ନିଜର ଉତ୍ପାଦନକୁ ଦ୍ୱିଗୁଣିତ କରିପାରିଛନ୍ତି। ଚଳିତବର୍ଷ ବ୍ଲକ ଅଞ୍ଚଳରେ ହୋଇଥିବା ପ୍ରାୟ ୭ ଶହ ହେକ୍ଟର ଫସଲକୁ ଆଗାମୀବର୍ଷରେ ଦ୍ୱିଗୁଣିତ କରିବାକୁ ପ୍ରୟାସ ଜାରି ରଖିଛନ୍ତି।

## ଆୟ ଦ୍ୱିଗୁଣିତ ପାଇଁ ଜୈବିକ ସାରକୁ ପ୍ରାଧାନ୍ୟ

ଏବେ କ୍ଷେତରେ ଚାଷୀ ରାସାୟନିକ ସାର ବ୍ୟବହାରକୁ ବହୁଳ ମାତ୍ରାରେ ପ୍ରାଧାନ୍ୟ ଦେଉଛନ୍ତି। ଏହାଦ୍ୱାରା ଫସଲ କ୍ଷତି ହେବା ସହ ମୃତ୍ତିକା ନଷ୍ଟ ହେବାରେ ଲାଗିଛି। ଏଥିଯୋଗୁ ଫସଲର ଆୟ କମୁଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ରାସାୟନିକ ସାର ପ୍ରୟୋଗ ହୋଇଥିବା ଫସଲର ଫଳକୁ ଆମେ ଖାଇବା ଦ୍ୱାରା ଅନେକ ରୋଗରେ ପଡୁଛେ। ସେଥିରୁ ଆମେ ନିବୃତ୍ତ ରହିବା ନିହାତି ଆବଶ୍ୟକ। ଅଯଥା ଖର୍ଚ୍ଚାନ୍ତ ନ ହୋଇ ସ୍ୱଳ୍ପ ଖର୍ଚ୍ଚରେ ଆମେ ଜୈବିକ ସାର ପ୍ରୟୋଗ କରିପାରିବା। ଗୋପାଳନ କରି ଗୋବର ଓ ମୂତ୍ରକୁ ସଂଗ୍ରହ ପରେ ଏକ ବଡ ମାଟି ହାଣ୍ଡିରେ ଭିଜାଇ ରଖିବା, ତା'ର ଦୁଇଦିନ ପରେ ତାକୁ ଭଲ ଭାବେ ଗୋଳାଇ ଫସଲରେ ପ୍ରୟୋଗ କରିବା ଦ୍ୱାରା ଉତ୍ପାଦନ ବଢିବା ସହ ଗଛ ମଧ୍ୟ ସତେଜ ରହିଥାଏ। ସେହିପରି ଜଳ ଭରି ହାଣ୍ଡିରେ କରଞ୍ଜ, ହଳଦୀ ଓ ଲିମ୍ବପତ୍ରକୁ ୪ ରୁ ୫ ଦିନ ଧରି ବୁଡାଇ ରଖିବା, ସେଥିମଧ୍ୟରୁ ଯେଉଁ ଶଢା ପାଣି ବାହାରିବ ତାକୁ ନେଇ ଫସଲରେ ସିଞ୍ଚନ କଲେ ରୋଗପୋକ ଦାଉରୁ ରକ୍ଷା ମିଳିବ। ସେହିପରି ହରମୋନ ପ୍ରତି ବଦଳରେ ଗୁଡ ଓ ବେସନ ମିଶ୍ରଣ କରି ଏହାର ପାଣି ଗଛରେ ପ୍ରୟୋଗ କରିବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଥିଲେ।

## ବିଭିନ୍ନ ଚାଷ କରିବାକୁ ପ୍ରୟାସ

ପରିବା ଫସଲ କରି ପେଟ ପୋଷିହେବ। ମାତ୍ର ମହୁ ଚାଷ, ଗୁଣ୍ଡୁରି ଚଢେଇ ଚାଷ ହେଉଛି ଅନ୍ୟତମ ରୋଜଗାରର ପନ୍ଥା ହୋଇପାରିବ। ମହୁଚାଷ ବାକ୍ସ, ଜିଆ ଖତ ପାଇଁ କିଟ୍ ସହ ଗୁଣ୍ଡୁରି ପକ୍ଷୀ ଚାଷ ପାଇଁ ବିଭିନ୍ନ ଉପକରଣ କୃଷି ବିଭାଗ ପକ୍ଷରୁ ସବ୍‌ସିଡିରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି।

## ବେଗୁନିଆ ଚାଷୀଙ୍କ କ୍ଷେତରେ କୃଷି ବୈଜ୍ଞାନିକ

କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅଜୟ କୁମାର ଦାସ ଶନିବାର ବେଗୁନିଆ ବ୍ଲକ ଗସ୍ତରେ ଆସିଥିଲେ। ସେ ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କର କୃଷି ଫାର୍ମକୁ ବୁଲି ଦେଖିଥିଲେ। ସାରୁଅ, ଡିଙ୍ଗର, ବୋତଲମା, ଶଗଡଭଙ୍ଗା, ହଜ, ସିକୋ, ଦେଉଳି ଆଦି ପଞ୍ଚାୟତ ଅଞ୍ଚଳରେ ଚାଷୀ କରିଥିବା ଫସଲ କ୍ଷେତକୁ ବୁଲି ଦେଖିଥିଲେ। ତେବେ ଜୈବିକ ସାର ଓ ଔଷଧ ପ୍ରୟୋଗ କରି ଫସଲ ଫଳାଇବାକୁ ଚାଷୀମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ କାଠଖୁଣ୍ଟିଆ ଗ୍ରାମରେ ଥିବା ଚାଷୀ ପବନ ଭୁଜବଳଙ୍କ ସମନ୍ୱିତ କୃଷି ଫାର୍ମ ପରିସରରେ ଚାଷୀ ସଚେତନତା କରାଯାଇଥିଲା। ଏଥିରେ ବେଗୁନିଆ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ, ବୈଜ୍ଞାନିକ ଦାସ, ସୁରେନ୍ଦ୍ର କୁମାର ସିଂଙ୍କ ସହ ବ୍ଲକ କୃଷି ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୩୦ ରୁ ୪୦ ଜଣ ଚାଷୀ ଚାଷର ଉପାଦେୟ ସମ୍ପର୍କରେ ସଚେତନ ହୋଇଥିଲେ।

# ବେକାର ସମସ୍ୟାରେ କଲବଲ ଯୁବପିଢ଼ି

**ଭୁବନେଶ୍ୱର, ୧।୩ (ବ୍ୟୁରୋ)**

ଦେଶର ଯୁବପିଢ଼ିକୁ ରାଜ୍ୟ ଓ କେନ୍ଦ୍ର ସରକାର ରୋଜଗାର ବଦଳରେ ଦାଦନ ଖଟିବାକୁ ବାଧ୍ୟ କରୁଛନ୍ତି। ଆଜିର ଯୁବପିଢ଼ି ଏବେ ବେକାର ସମସ୍ୟାରେ କଲବଲ ହେଉଛନ୍ତି। କେବଳ ଯୋଜନା ଉପରେ ଯୋଜନା ଓ ଘୋଷଣା ଉପରେ ଘୋଷଣା କରାଯାଉଛି। କିନ୍ତୁ ବାସ୍ତବରେ ଗାଁ ଗାଁରେ କର୍ମନିଯୁକ୍ତି ବଦଳରେ ମଦଭାଟି ଖୋଲି ଯୁବପିଢ଼ିଙ୍କୁ ବିପଥଗାମୀ କରୁଛନ୍ତି ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଯୁବଶାଖାର ରାଜ୍ୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖୁଣ୍ଟିଆ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ବିରୋଧୀ ନୀତିକୁ ଦୃଢ଼ ସମାଲୋଚନା କରିଛନ୍ତି। ରବିବାର ସୂଚନା ଭବନରେ ଯୁବଶାଖା ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ଶାଖାର ଜାତୀୟ ସଭାପତି ସଞ୍ଜୟ ଗାବା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସମ୍ପାଦକ କିଶୋର ଜେନା, ଖବରକାଗଜ ପର୍ଯ୍ୟବେକ୍ଷକର ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ତେଲଙ୍ଗାନା ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପୁନାଲା ଲଖମୟା, ଜାତୀୟ ସମ୍ପାଦକ ମଦନ ମୋହନ ଧଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ପୋଖରୀରୁ ମୃତଦେହ ଉଦ୍ଧାର

## କନଷ୍ଟେବଲଙ୍କ ବ୍ୟବହାରକୁ ନେଇ ଉତ୍ତେଜନା

**ବାରଙ୍ଗ,୧।୩(ଡି.ଏନ୍.ଏ)**

ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମ ଶିଖରଚଣ୍ଡୀ ସାହିର ଦିଅଁଙ୍କ ପୋଖରୀରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଉକ୍ତ ଗ୍ରାମର ସୁବାସ ସେନାପତି(୫୪)। ଏ ନେଇ ପୋଲିସ ନଂ.୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତେବେ ମୃତକଙ୍କୁ ଦେଖିବା ପାଇଁ ତାଙ୍କ ପରିବାରଲୋକ ଯିବାବେଳେ ଉପସ୍ଥିତ ଜଣେ କନଷ୍ଟେବଳ ସେମାନଙ୍କୁ ମନା କରିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ପରେ ଥାନାର ଏସ୍‌ଆଇ ଓ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିବାରୁ ପରିବାର ଲୋକେ ଶେଷଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ସୁବାସ ନନ୍ଦନକାନନରେ ଗାଇଡ୍ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହାସହ ଗ୍ରାମରେ ହେଉଥିବା ମେଳାରେ ଭଜନ କରିବା ସହ ଭଲରୋଷେୟା ଭାବେ ନାମ ଥିଲା। ତେବେ ଶୁକ୍ରବାର ରାତିରୁ ଗ୍ରାମରେ ହେଉଥିବା ଏକ ଭୋଜି ଖାଇବାକୁ ଆସି ଆଉ ଫେରି ନ ଥିଲେ। ଏ ସମ୍ପର୍କରେ ପରିବାର ଲୋକ ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ରବିବାର ସକାଳେ ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଏକ ମୃତଦେହ ଭାସୁଥିବାର ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ପରେ ତାହା ସୁବାସଙ୍କ ମୃତଦେହ ଜଣାପଡିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାରଲୋକ ପହଞ୍ଚି ମୃତକଙ୍କୁ ଦେଖିବାକୁ ଯିବାବେଳେ ସେଠାରେ ଜଣେ କନଷ୍ଟେବଳ ମହିଳାମାନଙ୍କୁ ବାରଣ କରିବା ସହ ଆଇନଗତ ପାଠପଢ଼ାଇ ଧମକାଇ ଥିଲେ। ଫଳରେ ସ୍ଥାନୀୟ ଲୋକେ ଓ କନଷ୍ଟେବଳଙ୍କ ମଧ୍ୟରେ କଥା କଟାକଟି ହୋଇ ଉତ୍ତେଜନା ଦେଖାଦେଇଥିଲା। ପରେ ଏସ୍‌ଆଇ ସୌଭାଗ୍ୟ ଭୋଇ ଆସି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କନଷ୍ଟେବଳଙ୍କ ଏଭଳି ଆଚରଣକୁ ସମସ୍ତେ ବିରୋଧ କରିଥିଲେ। ପରେ ପରିବାରଲୋକ ମୃତକଙ୍କୁ ଶବଦାହ ପାଇଁ ନେବାବେଳେ ପୋଲିସ ସେମାନଙ୍କ ସହ ଆଲୋଚନା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।



ପଇସାକୁ ଯଦି ଜ୍ଞାନ ଅର୍ଜନରେ ଖଟାଇଲ ଜାଣି ରଖ ସବୁଠାରୁ ଉଚ୍ଚ ହାରରେ ସୁଧ ମିଳିବ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଟଙ୍କା, ସୁନା ଅଳଙ୍କାର ଲୁଟ୍

ଆଠଗଡ,୧।୩(ସ୍ୱ.ପ୍ର.)- ଆଠଗଡ଼ ଏନ୍ଏସି ଅନ୍ତର୍ଗତ ରାସରସିକପୁରସ୍ଥିତ ବିନୋଦ ବିହାରୀ ସ୍ୱାଇଁଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏନେଇ ସେ ଶନିବାର ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଥାନାରେ ମାମଲା (ନଂ.୬୬/୨୦) ରୁଜୁ ହୋଇଛି। ଆଠଗଡ଼ ଥାନା ଆଇଆଇସି ଜ୍ଞାନରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶରେ ରବିବାର ଏସଆଇ ଗଣେଶ ଚନ୍ଦ୍ର ସାମଲ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିନୋଦ ଭଡା ଘରେ ତାଲା ପକାଇ ନିଜ ଗ୍ରାମ ଦହିସରାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଆଲମିରାରୁ ୬୧ ହଜାର ଟଙ୍କା ଓ ୧୦ ସୁନା ମୁଦି ଲୁଟି ନେଇଥିଲେ।

### ମୁମୂର୍ଷୁ ଅବସ୍ଥାରେ ଯୁବକ ଉଦ୍ଧାର

ଗୋପ,୧।୩(ଡି.ଏନ୍.ଏ)- ଗୋପ ଥାନା ଅଧୀନ ପୋଇତରା ଗ୍ରାମ ମନ୍ଦିର ନିକଟରୁ ରବିବାର ଜଣେ ଯୁବକଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ ଯୁବକ ଜଣକ ସେହି ଗ୍ରାମର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗ୍ରାମର ସ୍ଥାନୀୟ ମନ୍ଦିର ନିକଟରେ ଅପରାହ୍ନ ୨ଟା ସମୟରେ ଯୁବକ ଜଣକ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ଗ୍ରାମବାସୀ ଏହାଦେଖି ତାଙ୍କ ପରିବାର ଲୋକ ଏବଂ ଗୋପ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚି ଯୁବକଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଭୁବନେଶ୍ୱର ୬ ନଂ ଡାକ୍ତରଖାନାକୁ ସ୍ଥାନାନ୍ତର କରିଦେଇଛନ୍ତି। ତେବେ ଯୁବକ ଜଣକ ବିଷପାନ କରିଦେଇଥିବାରୁ ଅଚେତ ହୋଇପଡ଼ିଥିବା ଡାକ୍ତର କହିଛନ୍ତି।

### ପୋଖରୀରୁ ମୃତଦେହ ଉଦ୍ଧାର

ବାରଙ୍ଗ,୧।୩(ଡି.ଏନ୍.ଏ)- ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମ ଶିଖରଚଣ୍ଡୀ ସାହିର ଦିଅଁଙ୍କ ପୋଖରୀରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଉକ୍ତ ଗ୍ରାମର ସୁବାସ ସେନାପତି(୫୪)। ଏ ନେଇ ପୋଲିସ ନଂ.୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତେବେ ମୃତକଙ୍କୁ ଦେଖିବା ପାଇଁ ତାଙ୍କ ପରିବାରଲୋକ ଯିବାବେଳେ ଉପସ୍ଥିତ ଜଣେ କନଷ୍ଟେବଲ ସେମାନଙ୍କୁ ମନା କରିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ପରେ ଥାନାର ଏସ୍ଆଇ ଓ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିବାରୁ ପରିବାର ଲୋକେ ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ସୁବାସ ନନ୍ଦନକାନନରେ ଗାଇଡ୍ କରି ପରିବାର ପ୍ରତିପୋଷଣ କରୁଥାନ୍ତି। ଏହାସହ ଗ୍ରାମରେ ହେଉଥିବା ମେଳାରେ ଭଜନ କରିବା ସହ ଭଲରୋଷେୟା ଭାବେ ନାମ ଥିଲା। ତେବେ ଶୁକ୍ରବାର ରାତିରୁ ଗ୍ରାମରେ ହେଉଥିବା ଏକ ଭୋଜି ଖାଇବାକୁ ଆସି ଆଉ ଫେରି ନ ଥିଲେ। ଏ ସମ୍ପର୍କରେ ପରିବାର ଲୋକ ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ରବିବାର ସକାଳେ ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଏକ ମୃତଦେହ ଭାସୁଥିବାର ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ପରେ ତାହା ସୁବାସଙ୍କ ମୃତଦେହ ଜଣାପଡିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା।

# ପ୍ରଥମ ଦିନରେ ଜରିମାନା ସାଢେ ୩ ଲକ୍ଷ

କଟକ ଅଫିସ,୧।୩

ସଂଶୋଧିତ ମୋଟର ଯାନ ଆଇନ ରବିବାରଠାରୁ ରାଜ୍ୟରେ କଡ଼ାକଡି ଭାବେ ଲାଗୁ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକରେ ମଧ୍ୟ ଟ୍ରାଫିକ ପୋଲିସ ପକ୍ଷରୁ ଧରପଗଡ଼ ଜୋରଦାର ହୋଇଛି। ସହରର ପ୍ରମୁଖ ଛକଗୁଡ଼ିକରେ ସକାଳ ୯ଟାରୁ ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଓ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏଥିରେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ତେବେ ପ୍ରଥମ ଦିନରେ ମୋଟ୍ ୨୩୫ଟି ଇ-ଚାଲାଣ କଟାଯାଇଥିବାବେଳେ ୩ ଲକ୍ଷ ୫୧ ହଜାର ୫୦୦ଟଙ୍କାର ଜରିମାନା ଲଦି ଦିଆଯାଇଛି।

ଟାଉନ୍ ଟ୍ରାଫିକ ଥାନା ୧୩୯ଟି ଇ-ଚାଲାଣ କାଟିଥିବାବେଳେ ଗାଡି ଚାଳକଙ୍କ ଉପରେ ୧ ଲକ୍ଷ ୪୮ହଜାର ୫୦୦ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ୭ଜଣଙ୍କଠାରୁ ୭ହଜାର ଟଙ୍କା ଆଦାୟ ହୋଇଛି। ତେବେ ବାଇକ ଚାଳକ ମୋବାଇଲରେ କଥା ହେଉଥିବାବେଳେ ହେଲ୍ମେଟ୍ ନ ପିନ୍ଧିଥିବା ଯୋଗୁ ୭ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ସେହିଭଳି ଜାତୀୟ ରାଜପଥ ଟ୍ରାଫିକ ଥାନାରେ ୯୬ଟି ଇ-ଚାଲାଣ କଟାଯାଇଥିବାବେଳେ ମୋଟ୍ ୨ ଲକ୍ଷ ୩ହଜାର ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି। ପରବର୍ତ୍ତୀ ସମୟରେ ଗାଡି ଚାଳକଙ୍କଠାରୁ ଉକ୍ତ ଟଙ୍କା ଆଦାୟ କରାଯିବ। ବିଭିନ୍ନ ଉଲ୍ଲଂଘନ ଅନୁଯାୟୀ ଦେଖିଲେ, ୧୪୯ଜଣ ବିନା ହେଲ୍ମେଟ୍‌ରେ ଗାଡ଼ି ଚଳାଉଥିଲେ। ସେହିଭଳି ବାଇକ୍‌ରେ ୩ଜଣଙ୍କୁ ବସାଇ ନେଉଥିବା ଚାଳକଙ୍କ ବିରୋଧରେ ୩ଟି ଚାଲାଣ କଟାଯାଇଛି। ଅନ୍ୟପକ୍ଷରେ ବେଆଇନ ପାର୍କିଂ ପାଇଁ ଗୋଟିଏ, ହେଲ୍ମେଟ୍ ନ ପିନ୍ଧିଥିବା ଓ ୩ଜଣଙ୍କୁ ବସାଇଥିବା ଯୋଗୁ ୭ଟି, ଗାଡି ଚାଳନାବେଳେ ଫୋନ୍‌ରେ କଥା ହେଉଥିବା ଯୋଗୁ ଗୋଟିଏ, ରାସ୍ତାର ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା ଯୋଗୁ ଗୋଟିଏ, କ୍ଷୀପ୍ରଗତିରେ ଗାଡି ଚାଳନା ଯୋଗୁ ୫୭ଟି, କାର୍ ଚଳାଇବାବେଳେ ସିଟ୍ ବେଲ୍ଟ ନ ପିନ୍ଧିଥିବା ଯୋଗୁ ଗୋଟିଏ, ଫୋନରେ କଥା ହେଉଥିବା ଓ ହେଲମେଟ ନ ପିନ୍ଧିଥିବା ଯୋଗୁ ଗୋଟିଏ, ଫୋନ୍‌ରେ କଥା ହେଉଥିବା ଯୋଗୁ ୯ଟି ଏବଂ ଅନ୍ୟାନ୍ୟ ଆଇନ ଉଲ୍ଲଂଘନରେ ୬ଟି ଚାଲାଣ ଜରିମାନା ଆକାରରେ କଟାଯାଇଛି। ସେହିଭଳି ମଦ୍ୟପାନ କରି ଗାଡ଼ି ଚଳାଉଥିବା ଯୋଗୁ ୨୩୫ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିବା ପାଇଁ ଆରଟିଓମାନଙ୍କୁ ସୁପାରିସ କରାଯାଇଛି। ଟାଉନ୍ ଟ୍ରାଫିକ ଥାନା ପୋଲିସ ୧୩୯ଜଣ ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିଥିବାବେଳେ ଜାତୀୟ ରାଜପଥ ଟ୍ରାଫିକ ପୋଲିସ ୯୬ଜଣ ଗାଡ଼ି ଚାଳକଙ୍କୁ ଧରିଛି। ନିୟମିତ ଏଭଳି ଜୋରଦାର ଯାନବାହାନ ଯାଞ୍ଚ କରାଯିବ ବୋଲି କଟକ ଟ୍ରାଫିକ ଏସିପି ଦିବ୍ୟଜ୍ୟୋତି ଦାସ ସୂଚନା ଦେଇଛନ୍ତି।

ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାଜ୍ୟରେ ଯାନବାହନ ଯାଞ୍ଚକୁ କଡାକଡି କରାଯାଇଥିଲା। ରାତି ୯ଟା ସୁଦ୍ଧା ରାଜ୍ୟବ୍ୟାପୀ ମୋଟ୍ ୧୬୫୦ଟି ଇ-ଚାଲାଣ କଟାଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ଜରିମାନା ଅର୍ଥ ଆଦାୟ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦିଆଯାଇଛି।

**କଟକରେ ଟ୍ରାଫିକ ଯାଞ୍ଚ କଡ଼ାକଡି**



କଟକ ମଧୁପାଟଣା ଛକରେ ହେଲ୍ମେଟ ଚେକିଂ କରାଯାଉଛି।

- **କଟାଗଲା ୨୩୫ ଚାଲାଣ**
- **ଧରାପଡ଼ିଲେ ସହରରେ ୧୩୯, ରାଜପଥରେ ୯୬ ମଦ୍ୟପ ଚାଳକ**

## ହାତୀ ଆମ ସାଥୀ

ଖୁଣ୍ଟୁଣୀ,୧।୩(ଡି.ଏନ.ଏ.)

ହାତୀ ଆମ ସାଥୀ। ଏମାନଙ୍କ ପରି ନିରୀହ ପ୍ରାଣୀଙ୍କ ସୁରକ୍ଷା ପାଇଁ ଜଙ୍ଗଲ ସଂରକ୍ଷଣ ଏକାନ୍ତ ଆବଶ୍ୟକ। ଏପରି ଏକ ବାର୍ତ୍ତା ନେଇ ରବିବାର ଭୁବନେଶ୍ୱର ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ, ଆଠଗଡ ବନଖଣ୍ଡ ଓ ଓରନ୍ଦା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଓରନ୍ଦା ସମ୍ବେଶ୍ୱର ମନ୍ଦିର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଠଗଡ ଡିଏଫଓ ସୁଶ୍ରୀ ସସ୍ମିତା ଲେଙ୍କା ଓ ସାମାଜିକ କର୍ମୀ ପ୍ରତାପ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥିମାନେ ଯୋଗଦେଇ ହାତୀ ଓ ଜଙ୍ଗଲ ସମ୍ପଦର ସୁରକ୍ଷା ଉପରେ ଉପସ୍ଥିତ ବନସୁରକ୍ଷା ସମିତି ଏବଂ ଶତାଧିକ ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ। ଏହି ପରିପ୍ରେକ୍ଷୀରେ ହାତୀଙ୍କ ସୁରକ୍ଷା ଓ ହାତୀଙ୍କଠାରୁ ମଣିଷର ସୁରକ୍ଷା ପାଇଁ ଯୁବ ଉଦ୍ଭାବକ ପ୍ରକାଶ ଝାଙ୍କ ଦ୍ୱାରା ଫିଙ୍କ୍ ରକ୍ଷକ ନାମକ ଆଲୋକ ପ୍ରଦର୍ଶିତ ହୋଇଥିଲା। ଶେଷରେ ସମିତି ସଦସ୍ୟଙ୍କ ସମେତ ପ୍ରାୟ ୨୦୦ ଯୁବତୀଯୁବକ ସାଇକେଲ ଶୋଭାଯାତ୍ରାରେ ଓରନ୍ଦା, ପୀଠାଖିଆ, କପୁରସିଂ ଗ୍ରାମ ପରିକ୍ରମା କରି ହାତୀଟିଏ ସାଥୀଟିଏ, ଜଙ୍ଗଲ ସୁରକ୍ଷା ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

## ବ୍ରାହ୍ମଣୀ ଗାଁ ପ୍ରିମିୟର ଲିଗ୍: ଇଲେଭେନ ଷ୍ଟାର ଚାମ୍ପିୟନ

ନରାଜ,୧।୩(ଡି.ଏନ୍.ଏ.)



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି।

ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ଗାଁ ଖେଳପଡ଼ିଆରେ ଚାଲିଥିବା ୪ର୍ଥ ବ୍ରାହ୍ମଣୀ ଗାଁ କ୍ରିକେଟ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଇଲେଭେନ ଷ୍ଟାର ମୁଣ୍ଡମୁହାଣ ଚାମ୍ପିୟନ ହୋଇଛି। ଜାନୁୟାରୀ ୧୫ରୁ ଆରମ୍ଭ ହୋଇଥିବା ଏହି ଖେଳରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଇଲେଭେନ ଷ୍ଟାର ମୁଣ୍ଡମୁହାଣ ଓ ରାଉତ ଏକ୍ସପ୍ରେସ ବ୍ରାହ୍ମଣୀ ଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ୍ ଷ୍ଟାର ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ୍ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ରାଉତ ଏକ୍ସପ୍ରେସ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଇଲେଭେନ ଷ୍ଟାର ମୁଣ୍ଡମୁହାଣ ବିଜୟୀ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଇଲେଭେନ ଷ୍ଟାର ମୁଣ୍ଡମୁହାଣ ଦଳର ମନୋଜ ସେନାପତି ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ମ୍ୟାଚକୁ ପ୍ରଦୀପ ସ୍ୱାଇଁ ଓ କାଳନ୍ଦି ଭୂୟାଁ ପରିଚାଳନା କରିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ଶୁକୁମାର ବସ୍ତିଆ, ସମ୍ମାନିତ ଅତିଥି ଉତ୍ତମ ବସ୍ତିଆ କୃଷ୍ଣ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ବିଜେତା ଦଳକୁ ୨୫ ହଜାର ଟଙ୍କା ଓ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦଳକୁ ୧୮ ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ଦିଆଯାଇଥିଲା।

## ଫୁଟବଲ ଟୁର୍ନାମେଣ୍ଟ: ପ୍ରତାପ କ୍ଲବ ଚାମ୍ପିୟନ

ନରାଜ,୧।୩(ଡି.ଏନ୍.ଏ.)

ବାରଙ୍ଗ ବ୍ଲକ ଅନ୍ତର୍ଗତ ଜୟପୁର ଖେଳପଡ଼ିଆରେ ଏକଦିବସୀୟ ଜିତୁ,ଚିନୁ ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳର ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମା'ମଙ୍ଗଳା କ୍ଲବ ଗୋଠପୁର ଓ ପ୍ରତାପ କ୍ଲବର ପ୍ରତାପ ନଗରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତାପ ନଗରୀ ୧-୦ ଗୋଲରେ ବିଜୟୀ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଭାତ ତ୍ରିପାଠୀ ଯୋଗଦେଇ ବିଜେତା ଦଳକୁ ୪ ହଜାର ଟଙ୍କା ଅର୍ଥରାଶି ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ୩ ହଜାର ଟଙ୍କା ସହ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରମୋଦ ରାଉତ, ପବିନ ରାଉତ ଓ ବସୁଦେବ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ବ୍ୟବସାୟୀଙ୍କୁ ଏକବର୍ଷ ଜେଲଦଣ୍ଡ

ଆଠଗଡ,୧।୩(ସ୍ୱ.ପ୍ର.)

ଆଠଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ଅରବିନ୍ଦ ପଟ୍ଟନାୟକ ଶନିବାର ଏକ ଗଞ୍ଜେଇ କାରବାର ଅଭିଯୋଗର ବିଚାର କରି ଅଭିଯୁକ୍ତଙ୍କୁ ଏକ ବର୍ଷ ଜେଲ ଦଣ୍ଡାଦେଶ ସହ ଏକ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଲିସୁଗା ଗ୍ରାମର ପ୍ରଭାତ ଦିଗାଲ (୩୦)। ସେ ଫେବୃୟାରୀ ୨୦୧୯ରେ ଆଠଗଡସ୍ଥିତ ବୀରକିଶୋରପୁର ଗ୍ରାମକୁ ବ୍ୟାଗରେ ଗଞ୍ଜେଇ ନେଇ ବିକ୍ରି କରିବାକୁ ଆସିଥିବାବେଳେ ଅବକାରୀ ବିଭାଗ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କ ପାଖରୁ ୫ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏନେଇ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାମଲା (ନଂ. ୧/୧୯) ରୁଜୁ ହୋଇଥିଲା। ଗିରଫ ହେବାର ୩ ମାସ ପରେ ସେ ଜାମିନରେ ଆସିଥିଲେ। ମାତ୍ର ବିଚାର ପ୍ରକ୍ରିୟାରେ ସହଯୋଗ ନ କରି ଫେରାର ହୋଇଯାଇଥିଲେ। ଏହାପରେ ଆଠଗଡ଼ ଅଦାଲତ ପକ୍ଷରୁ ତାଙ୍କ ବିରୋଧରେ ଜାମିନ ବିହିନ ପରୱାନା ଜାରି ହୋଇଥିଲା। ମାସେ ତଳେ ପୋଲିସ ତାଙ୍କୁ କନ୍ଧମାଳା ଜିଲାରୁ ଗିରଫ କରି ଆଠଗଡ଼ ଅଦାଲତରେ ହାଜିର କରିଥିଲା। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ହିମାଂଶୁ ମିଶ୍ର ଓ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରସନ୍ନ କୁମାର ରାଉତ ପରିଚାଳନା କରିଥିଲେ।

## ତ୍ରିଲୋଚନ ହେଲେ ବ୍ଲକ ବିଜେଡି ସଭାପତି

ନିଆଳି,୧।୩(ଡି.ଏନ.ଏ.)

ନିଆଳି ବ୍ଲକ ବିଜେଡିର ନୂତନ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ପୁରୁଣାକର୍ମୀ ତଥା ପୂର୍ବତନ ସରପଞ୍ଚ ତ୍ରିଲୋଚନ ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ଦାସ ଘୋଷଣା କରିଛନ୍ତି। ଏଥିପାଇଁ ତାଙ୍କୁ ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଅଭିନନ୍ଦନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡିର ବହୁ କର୍ମୀ ଯୋଗଦେଇଥିଲେ। ମହାନ୍ତି ଛାତ୍ରଜୀବନରୁ ରାଜନୀତି ସହିତ ଜଡିତ ଥାଇ ଆଞ୍ଚିକଂଗ୍ରେସରେ କାମ କରି ଆସୁଥିଲେ। ଏହି ଅବସରରେ ତ୍ରିଲୋଚନ କହିଛନ୍ତି, ଦଳ ପାଇଁ କାର୍ଯ୍ୟ କରିବା ସହ ସମାଜରେ ଅବହେଳିତ ଅବସ୍ଥାରେ ଥିବା ଲୋକମାନଙ୍କୁ ସେବା ଯୋଗାଇ ଦିଆଯିବ।

## ୨୧ ଘଣ୍ଟା ପରେ ଶ୍ରୀଜୀଉଙ୍କ ହେଲା ନୀତିକାନ୍ତି

ପୁରୁଣା ଭୁବନେଶ୍ୱର, ୧।୩ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜଙ୍କ ଶନିବାରଠାରୁ ବନ୍ଦ ଥିବା ନୀତିକାନ୍ତି ୨୧ଘଣ୍ଟା ପରେ ରବିବାର ସ୍ୱାଭାବିକ ହୋଇଛି। ସକାଳ ସାଢେ ୬ଟାରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି, ଅବକାଶ, ସର୍ବସାଧାରଣଙ୍କ ଦର୍ଶନ ପରେ ଅନ୍ୟାନ୍ୟ ନୀତିକାନ୍ତି କ୍ରମାନ୍ୱୟରେ ସମ୍ପାଦିତ ହୋଇଥିଲା। ଶନିବାର କେବଳ ମଙ୍ଗଳଆଳତି, ଅବକାଶ, ସାଧାରଣ ଦର୍ଶନ ପରଠାରୁ ଅର୍ଥାତ ସକାଳ ସାଢେ ୯ଟାରୁ ଶ୍ରୀଜୀଉଙ୍କ ନୀତି ବନ୍ଦ ରହିଥିଲା। କାରଣ ଥିଲା ଶ୍ରୀଲିଙ୍ଗରାଜଙ୍କ ୨୦୧୫ ଅଁଳା ନବମୀଠାରୁ ବନ୍ଦ ଥିବା ହାଣ୍ଡିଭଙ୍ଗା ଯାତ୍ରା ସ୍ୱାଭାବିକ କରିବା। ପ୍ରାୟ ୯ ଶହ ବର୍ଷ ପୂର୍ବରୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପରମ୍ପରା ଭିତ୍ତିରେ ମହାଶିବରାତ୍ରି ପରେ ପ୍ରଥମ ଶନିବାର ଦିଅଁଙ୍କର ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହିଦିନ ଶ୍ରୀଜୀଉ ସ୍ୱତନ୍ତ୍ର ଶୋଭାଯାତ୍ରାରେ ଶ୍ରୀକପିଳେଶ୍ୱର ମନ୍ଦିର ଯାତ୍ରା କରିଥାନ୍ତି। ସେଠାରେ ଥିବା ଖଟୁଲିରେ ଅବସ୍ଥାନ ପରେ ଭୋଗ ଲାଗି ହୋଇଥାଏ। ପରିସରରେ ଥିବା ଶନି ମନ୍ଦିରରେ ଆଳତି ହୋଇ ଭୋଗ ଲାଗି ହୋଇଥାଏ ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ୨୦୧୫ଠାରୁ ଶ୍ରୀକପିଳେଶ୍ୱର ମନ୍ଦିରରେ ଖୁଣ୍ଟିଆ ଓ ମଳିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖା ଦେଇଥିଲା।

ସୂଚନାଥାଉ କି ତତ୍କାଳୀନ ଦେବୋତ୍ତର ବିଭାଗ ଉପ କମିଶନର ଏହି ଦ୍ୱନ୍ଦ୍ୱର ସମାଧାନ କରି ପାରି ନ ଥିଲେ। ଫଳରେ ଶ୍ରୀଜୀଉଙ୍କ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ହୋଇ ଯାଇଥିଲା। ଯାହାକୁ ନେଇ ସେହି ସମୟରେ ବୁଦ୍ଧିଜୀବୀ ଓ ସେବାୟତଙ୍କ ମହଲରେ ନାପସନ୍ଦ କରାଯାଇଥିଲା। ଚଳିତବର୍ଷ ଯାତ୍ରା ପୁଣି ଆରମ୍ଭ କରି ପରମ୍ପରା ଫେରାଇ ଆଣିବାକୁ ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗ ପକ୍ଷରୁ ଦାବି ହୋଇଥିଲା। ଶନିବାର ଦେବୋତ୍ତର କମିଶନର ହାଣ୍ଡିଭଙ୍ଗା ଯାତ୍ରା ସ୍ୱାଭାବିକ କରିବାକୁ ପ୍ରତିଶ୍ରୁତି ଦେବାରୁ ଦିଅଁଙ୍କ ନୀତିକାନ୍ତି ଆରମ୍ଭ ହୋଇଥିବା ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି।

## ଟିଗିରିଆରେ ଗାଡ଼ି ଯାଞ୍ଚ କଡାକଡ଼ି

ଟିଗିରିଆ,୧।୩(ଡି.ଏନ୍.ଏ.)

ଟ୍ରାଫିକ ଓ ଯାନବାହନ ଚଳାଚଳ ନିୟମ ରବିବାରଠାରୁ କଡ଼ାକଡ଼ି ହୋଇଛି। ଏନେଇ ସରକାରଙ୍କ ନିର୍ଦ୍ଦେଶକ୍ରମେ ଟିଗିରିଆ ବ୍ଲକ ଅନ୍ତର୍ଗତ ଗୋଡ଼ିଝରିଆ ନିକଟବର୍ତ୍ତୀ କଲରାଗଡ଼ ଛକରେ ଗାଡି ମୋଟର ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ ଟ୍ରାଫିକ ନିୟମ ପାଳନ କରି ନ ଥିବା ବ୍ୟକ୍ତିଙ୍କଠାରୁ ଜୋରିମାନା ଆଦାୟ ହୋଇଛି। ଏହି ସମୟରେ ୫ ଜଣଙ୍କୁ ପିଆର ବଣ୍ଡରେ ଛଡ଼ା ଯାଇଥିବା ନେଇ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି। ଯାଞ୍ଚ ସମୟରେ ଥାନା ଅଧିକାରୀଙ୍କ ସହ ଏଏସ୍ଆଇ ଦେବେନ୍ଦ୍ରନାଥ ସ୍ୱାଇଁ ଏବଂ ଥାନା କର୍ମଚାରୀମାନେ ସାମିଲ ହୋଇଥିଲେ।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ, ପୁତୁରା ଅଟକ

ଗୋପ,୧।୩(ଡି.ଏନ୍.ଏ)

ଗୋପ ଥାନା ଅଞ୍ଚଳର ଜଣେ ମହିଳା ରବିବାର ଘରେ ଏକୁଟିଆ ଥିବାବେଳେ ତାଙ୍କ ପୁତୁରା ଆସି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ପୁତୁରାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ସୂଚନାଯୋଗ୍ୟ, ମହିଳାଙ୍କ ପରିବାର ଲୋକ ରବିବାର ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ମହିଳା ଜଣକ ଘରେ ଏକୁଟିଆ ଥିବାବେଳେ ପୁତୁରା ଘରର ପଛପଟେ କବାଟ ଖୋଲି ଆସି ବଳାତ୍କାର ଉଦ୍ୟମ କରିଥିଲେ। ଏଥିରେ ମହିଳା ଜଣକ ପାଟି କରିବାରୁ ପୁତୁରା ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

## ଭଲିବଲ୍ ଟୁର୍ନାମେଣ୍ଟ: ଗୋଡ଼ିଝରିଆ ଚାମ୍ପିୟନ

ଟିଗିରିଆ,୧।୩(ଡି.ଏନ୍.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଏକ ଦିବସୀୟ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଗାଁର ପଞ୍ଚାନନେଶ୍ୱର ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଜେନାପଦା କ୍ଲବ ଓ ଗୋଡିଝରିଆ ମଧ୍ୟରେ ହୋଇଥିଲା। ମ୍ୟାଚଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ଗୋଡିଝରିଆ କ୍ଲବ ୨-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟକୁ ପାଞ୍ଚଗାଁ ପଞ୍ଚାୟତ ସରପଞ୍ଚ ନିରୁପମା ଦାଶ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ପାଞ୍ଚଗାଁ ଗ୍ରାମାଞ୍ଚଳ ସାମାଜିକ ସାଂସ୍କୃତିକ ବହୁମୁଖୀ କେନ୍ଦ୍ରର ସମ୍ପାଦକ ସରୋଜ କୁମାର ଦାଶ ଯୋଗଦେଇଥିଲେ।

ଏହି ଅବସରରେ ଚାମ୍ପିୟନ ଦଳକୁ ୩ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରେଫରି ସୌମ୍ୟସାମର୍ଥ୍ୟ ପ୍ରଧାନ ଓ ଶ୍ରୀଧର ସ୍ୱାଇଁ ଏହାକୁ ପରିଚାଳନା କରିଥିଲା ବେଳେ ଲାଇନରେ ସୌଭାଗ୍ୟ ସାମଲ ଓ ଜ୍ୟୋତିରଞ୍ଜନ ଦାସ ସହଯୋଗ କରିଥିଲେ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ନରସିଂହପୁର, ୧।୩(ଡି.ଏନ୍.ଏ.)

ନରସିଂହପୁର ବ୍ଲକସ୍ଥିତ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୮୫ ଜଣ ପରୀକ୍ଷା ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ ପଣ୍ଡା, ଜିଲା ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. ଅରବିନ୍ଦ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଆୟୋଜନ ହୋଇଥିଲା। ପରିଚାଳନାରେ ବ୍ଲକ ସିଆର୍‌ସିସି ଏବଂ ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ଓ ପ୍ରଶିକ୍ଷିକାମାନେସହଯୋଗକରିଥିଲେ।

## ୩୦ରୁ ବାସନ୍ତୀ ଦୁର୍ଗାପୂଜା, ଏପ୍ରିଲ ୪ ଭସାଣି

କଟକ ଅଫିସ, ୧।୩

ଆସନ୍ତା ୩୦ ତାରିଖ ମହାଷଷ୍ଠୀଠାରୁ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ଓ ଏପ୍ରିଲ ୪ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ମାର୍ଚ୍ଚ ୨୨ ତାରିଖରେ ସ୍ଥାନୀୟ କଳିଙ୍ଗ ଗେଷ୍ଟ ହାଉସଠାରେ କମିଟିର ବାସନ୍ତୀ ଦୁର୍ଗାପୂଜା ଓ ଭସାଣୀ ଉତ୍ସବ ପ୍ରସ୍ତୁତି ସଭା ଅନୁଷ୍ଠିତ ହେବ। ଆସନ୍ତା ୩୧ ତାରିଖ ମହାସପ୍ତମୀରେ ଶାନ୍ତି କମିଟିର କର୍ମକର୍ତ୍ତାମାନେ ବିଭିନ୍ନ ବାସନ୍ତୀ ଦୁର୍ଗାମଣ୍ଡପ ପରିଦର୍ଶନ କରିବେ। ଏପ୍ରିଲ ୧ ତାରିଖରେ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧୀ ପୀଠ ସହ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯିବ। କଟକ ମହାନଗର ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକ ଶନିବାର ଦରଘାବଜାରସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ଉପରୋକ୍ତ କାର୍ଯ୍ୟକ୍ରମ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନା, ଉପସଭାପତି ମନୋରଞ୍ଜନ ସାହୁ, ରାଜେନ୍ଦ୍ର ସାମଲ ଓ ଦେବେନ୍ଦ୍ର ନାଥ କାହାଳୀ ଉପସ୍ଥିତ ଥିଲେ। ସହ-ସମ୍ପାଦକ ରବୀନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।





ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନେକ୍ସ-୧ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଅତିଥିମାନେ ସ୍ମରଣିକା ଓ ବୁକ୍ ଅଫ ଅବଷ୍ଟ୍ରାକ୍ଟକୁ ଉନ୍ମୋଚନ କରୁଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ କଥାକାର କିଶୋରୀ ଚରଣ ଦାସଙ୍କ ଜୟନ୍ତୀ ସମାରୋହକୁ ଓଏଚ୍ଆରସି ଅଧ୍ୟକ୍ଷ ଜଷ୍ଟିସ୍ ବି.ପି. ଦାସ ଉଦ୍‌ଘାଟନ କରୁଛନ୍ତି।



ଇସ୍କଫର ସାଧାରଣ ସମ୍ପାଦକ ଓ ପୂର୍ବତନ ବିଧାୟକ ବିଜୟ କୁମାର ନାୟକଙ୍କ ବିୟୋଗରେ କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ ଶୋକସଭାରେ ତାଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିମାନେ।



୧୦-ପଇସାକୁ ଯଦି ଜ୍ଞାନ ଅର୍ଜନରେ ଖଟାଇଲ
ଜାଣି ରଖ ସବୁଠାରୁ ଉଚ୍ଚ ହାରରେ ସୁଧ ମିଳିବ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ପାଇପ୍ ଲାଇନ୍ ସରଞ୍ଜାମ ଚୋରି ଘଟଣାରେ ୩ ଗିରଫ

ଖୋର୍ଦ୍ଧା ଅଫିସ, ୧୩ : ପାଇପ୍ ଓ ପାଣି ପମ୍ପ ସହ ବ୍ରେକର ମେଶିନ ଚୋରି ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଳିପଡା ଗ୍ରାମର ସଞ୍ଜୀବ ସେଠୀ, ଶଢେଇଗଡ଼ ଗ୍ରାମର ସୁବାସ ସୁନ୍ଦରାୟ ଓ ଜିତେନ୍ଦ୍ର ବେହେରା। ପୋଲିସ ସୂଚନା ଅନୁସାରେ, ଗ୍ରାମାଞ୍ଚଳକୁ ମେଗା ପାଇପ୍ ଜଳ ଯୋଗାଣ ନିମନ୍ତେ ଠିକାଦାରାଙ୍କ ମାଧମରେ ପାଇପ୍ ବିଛାଇବା କାର୍ଯ୍ୟ ଜାରି ରହିଛି। ସେଥିପାଇଁ ଠିକା ସଂସ୍ଥା ପକ୍ଷରୁ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ଶ୍ରମିକମାନେ ରହିବା ସହ ସରଞ୍ଜାମ ଗଚ୍ଛିତ ରଖାଯାଇଛି। ତେବେ ସଦର ଥାନା ଅନ୍ତର୍ଗତ ଧଉଳିମୁହଁ ଅଞ୍ଚଳରେ ଥିବା ଏକ କ୍ୟାମ୍ପରୁ ୧୬ ତାରିଖରେ କେତେଜଣ ଦୁର୍ବୃତ୍ତ ବ୍ରେକର ମେଶିନ ଓ ପାଣି ପମ୍ପ ଲୁଟି ନେଇଥିଲେ। ଏ ନେଇ ଠିକା ସଂସ୍ଥାର କର୍ମଚାରୀ ବିଚିତ୍ର କୁମାର ପାଢୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୩୮/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଥିଲା।

### ଜଟଣୀ ନଗର ବିଜେଡି ସଭାପତି ନିର୍ବାଚିତ



ଜଟଣୀ,୧୩(ଡି.ଏନ.ଏ.): ଜଟଣୀ ନଗର ବିଜେଡି ସଭାପତି ଭାବେ ଆଶୁତୋଷ ପ୍ରତାପସିଂହ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ମଧ ସେ ଏହି ପଦବୀରେ ରହିଥିଲେ। ଜିଲା ବିଜେଡି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ରଶ୍ମି ରଞ୍ଜନ ବ୍ରହ୍ମା, ସହ ନିର୍ବାଚନ ଅଧିକାରୀ ବିଜୟ ପଣ୍ଡାଙ୍କ ଉପସ୍ଥିତିରେ ଆଶୁତୋଷ ଦ୍ୱିତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ସେ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ମୁମୂର୍ଷୁ ଅବସ୍ଥାରେ ଯୁବକ ଉଦ୍ଧାର

ଗୋପ,୧୩(ଡି.ଏନ୍.ଏ)- ଗୋପ ଥାନା ଅଧୀନ ପୋଇତରା ଗ୍ରାମ ମନ୍ଦିର ନିକଟରୁ ରବିବାର ଜଣେ ଯୁବକଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ ଯୁବକ ଜଣକ ସେହି ଗ୍ରାମର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗ୍ରାମର ସ୍ଥାନୀୟ ମନ୍ଦିର ନିକଟରେ ଅପରାହ୍ନ ୨ଟା ସମୟରେ ଯୁବକ ଜଣକ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ଗ୍ରାମବାସୀ ଏହାଦେଖି ତାଙ୍କ ପରିବାର ଲୋକ ଏବଂ ଗୋପ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚି ଯୁବକଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଭୁବନେଶ୍ୱର ୬ ନଂ ଡାକ୍ତରଖାନାକୁ ସ୍ଥାନାନ୍ତର କରିଦେଇଛନ୍ତି।

# ଦାଦନରୁ ଫେରି ସଫଳ ଚାଷୀ



ଗେଣ୍ଡୁ ଚାଷ ବୁଲି ଦେଖୁଛନ୍ତି କୃଷି ବୈଜ୍ଞାନିକ ଓ ଚାଷୀମାନେ।

**ଖୋର୍ଦ୍ଧା ଅଫିସ, ୧୩ :**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଚାଷୀଙ୍କ ଚାଷ ଉପରେ କ୍ରମାଗତ ଭାବେ ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପବୃଷ୍ଟି, ଅଦିନିଆ ବର୍ଷା, ସାମୁଦ୍ରିକ ଝଡ଼ ସାଙ୍ଗକୁ ରୋଗପୋକ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ସରକାରୀ ସହାୟତା, ବିଭିନ୍ନ ଯୋଜନାର ସୁଫଳ ନ ପାଇ ବହୁ ଚାଷୀ ଚାଷରୁ

### ଅର୍ଥକରୀ ଫସଲ ବଢାଇବାକୁ ପ୍ରୟାସ

ମୁହଁ ଫେରାଇ ଦାଦନ ଖଟିବାକୁ ଯାଉଥିଲେ। କେତେଜଣ ଚାଷୀ ଅନ୍ୟ ରାଜ୍ୟରେ ନିର୍ଯାତିତ ହୋଇ ନିଜ ଭିଟା ମାଟିକୁ ଫେରିଛନ୍ତି। ସେମାନେ ଚାଷକୁ ପୁଣି ଆପଣେଇ ନେଇଛନ୍ତି। ସମନ୍ୱିତ ଚାଷ ବା ଅର୍ଥକରୀ ଫସଲକୁ ଗୁରୁତ୍ୱ ଦେଇଛନ୍ତି। ଫଳରେ ଏବେ ହେକ୍ଟର ହେକ୍ଟର ଜମିରେ ସୁନାର ଫସଲ ଫଳାଇ ସଫଳ ଚାଷୀ ହୋଇ ପାରିଛନ୍ତି। ଏଥିରେ ବିଭିନ୍ନ ପ୍ରକାର ପରିବା, ଆମ୍ବ, ଗେଣ୍ଡୁ ଫୁଲ, ମହୁ, ଗୁଣ୍ଡୁରି ପକ୍ଷୀ ଆଦି ଚାଷ ରହିଛି। ଚାଷୀଙ୍କୁ ବ୍ଲକ କୃଷି ବିଭାଗ ପକ୍ଷରୁ ଚାଷ ସମ୍ପର୍କରେ ସଚେତନ କରାଯାଉଛି। ସରକାରୀ ପ୍ରୋତ୍ସାହନ ଯୋଗୁ ଚାଷୀ ନିଜର ଉତ୍ପାଦନକୁ ଦ୍ୱିଗୁଣିତ କରିପାରିଛନ୍ତି। ଚଳିତବର୍ଷ ବ୍ଲକ ଅଞ୍ଚଳରେ ହୋଇଥିବା ପ୍ରାୟ ୭ ଶହ ହେକ୍ଟର ଫସଲକୁ ଆଗାମୀବର୍ଷରେ ଦ୍ୱିଗୁଣିତ କରିବାକୁ ପ୍ରୟାସ ଜାରି ରଖିଛନ୍ତି।

### ବେଗୁନିଆ ଚାଷୀଙ୍କ କ୍ଷେତରେ କୃଷି ବୈଜ୍ଞାନିକ

କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅଜୟ କୁମାର ଦାସ ଶନିବାର ବେଗୁନିଆ ବ୍ଲକ ଗସ୍ତରେ ଆସିଥିଲେ। ସେ ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କର କୃଷି ଫାର୍ମକୁ ବୁଲି ଦେଖିଥିଲେ। ସାରୁଅ, ଡିଙ୍ଗର, ବୋତଲମା, ଶଗଡଭଙ୍ଗା, ହଜ, ସିକୋ, ଦେଉଳି ଆଦି ପଞ୍ଚାୟତ ଅଞ୍ଚଳରେ ଚାଷୀ କରିଥିବା ଫସଲ କ୍ଷେତକୁ ବୁଲି ଦେଖିଥିଲେ। ତେବେ ଜୈବିକ ସାର ଓ ଔଷଧ ପ୍ରୟୋଗ କରି ଫସଲ ଫଳାଇବାକୁ ଚାଷୀମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ କାଠଖୁଣ୍ଟିଆ ଗ୍ରାମରେ ଥିବା ଚାଷୀ ପବନ ଭୁଜବଳଙ୍କ ସମନ୍ୱିତ କୃଷି ଫାର୍ମ ପରିସରରେ ଚାଷୀ ସଚେତନତା କରାଯାଇଥିଲା। ଏଥିରେ ବେଗୁନିଆ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ, ବୈଜ୍ଞାନିକ ଦାସ, ସୁରେନ୍ଦ୍ର କୁମାର ସିଂଙ୍କ ସହ ବ୍ଲକ କୃଷି ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୩୦ ରୁ ୪୦ ଜଣ ଚାଷୀ ଚାଷର ଉପାଦୟ ସମ୍ପର୍କରେ ସଚେତନ ହୋଇଥିଲେ।

### ଆୟ ଦ୍ୱିଗୁଣିତ ପାଇଁ ଜୈବିକ ସାରକୁ ପ୍ରାଧାନ୍ୟ

ଏବେ କ୍ଷେତରେ ଚାଷୀ ରାସାୟନିକ ସାର ବ୍ୟବହାରକୁ ବହୁଳ ମାତ୍ରାରେ ପ୍ରାଧାନ୍ୟ ଦେଉଛନ୍ତି। ଏହାଦ୍ୱାରା ଫସଲ କ୍ଷତି ହେବା ସହ ମୃତ୍ତିକା ନଷ୍ଟ ହେବାରେ ଲାଗିଛି। ଏଥିଯୋଗୁ ଫସଲର ଆୟ କମୁଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ରାସାୟନିକ ସାର ପ୍ରୟୋଗ ହୋଇଥିବା ଫସଲର ଫଳକୁ ଆମେ ଖାଇବା ଦ୍ୱାରା ଅନେକ ରୋଗରେ ପଡୁଛେ। ସେଥିରୁ ଆମେ ନିବୃତ୍ତ ରହିବା ନିହାତି ଆବଶ୍ୟକ। ଅଯଥା ଖର୍ଚ୍ଚାନ୍ତ ନ ହୋଇ ସ୍ୱଳ୍ପ ଖର୍ଚ୍ଚରେ ଆମେ ଜୈବିକ ସାର ପ୍ରୟୋଗ କରିପାରିବା। ଗୋପାଳନ କରି ଗୋବର ଓ ମୂତ୍ରକୁ ସଂଗ୍ରହ ପରେ ଏକ ବଡ ମାଟି ହାଣ୍ଡିରେ ଭିଜାଇ ରଖିବା, ତା'ର ଦୁଇଦିନ ପରେ ତାକୁ ଭଲ ଭାବେ ଗୋଳାଇ ଫସଲରେ ପ୍ରୟୋଗ କରିବା ଦ୍ୱାରା ଉତ୍ପାଦନ ବଢିବା ସହ ଗଛ ମଧ ସତେଜ ରହିଥାଏ। ସେହିପରି ଜଳ ଭରି ହାଣ୍ଡିରେ କରଞ୍ଜ, ହଳଦୀ ଓ ଲିମ୍ବପତ୍ରକୁ ୪ ରୁ ୫ ଦିନ ଧରି ବୁଡାଇ ରଖିବା, ସେଥିମଧ୍ୟରୁ ଯେଉଁ ଶଢା ପାଣି ବାହାରିବ ତାକୁ ନେଇ ଫସଲରେ ସିଞ୍ଚନ କଲେ ରୋଗପୋକ ଦାଉରୁ ରକ୍ଷା ମିଳିବ। ସେହିପରି ହରମୋନ ପ୍ରତି ବଦଳରେ ଗୁଡ ଓ ବେସନ ମିଶ୍ରଣ କରି ଏହାର ପାଣି ଗଛରେ ପ୍ରୟୋଗ କରିବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଥିଲେ।

### ବିଭିନ୍ନ ଚାଷ କରିବାକୁ ପ୍ରୟାସ

ପରିବା ଫସଲ କରି ପେଟ ପୋଷିହେବ। ମାତ୍ର ମହୁ ଚାଷ, ଗୁଣ୍ଡୁରି ଚଢେଇ ଚାଷ ହେଉଛି ଅନ୍ୟତମ ରୋଜଗାରର ପନ୍ଥା ହୋଇପାରିବ। ମହୁଚାଷ ବାକ୍ସ, ଜିଆ ଖତ ପାଇଁ କିଟ୍ ସହ ଗୁଣ୍ଡୁରି ପକ୍ଷୀ ଚାଷ ପାଇଁ ବିଭିନ୍ନ ଉପକରଣ କୃଷି ବିଭାଗ ପକ୍ଷରୁ ସବ୍‌ସିଡିରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି।

# ମଙ୍ଗଳାଯୋଡ଼ିରେ ବିରଳ ଆଲବିନୋ କାମ ପକ୍ଷୀ

**ଭୁବନେଶ୍ୱର, ୧୩(ବ୍ୟୁରୋ)**

ପକ୍ଷୀଙ୍କ ସ୍ୱର୍ଗ କୁହାଯାଉଥିବା ଚିଲିକାର ମଙ୍ଗଳାଯୋଡ଼ିରେ ବିରଳ ଆଲ୍‌ବିନୋ ପର୍ପଲ ମୁର୍ ହେନ୍ ବା ଆଲ୍‌ବିନୋ କାମ ପକ୍ଷୀ ଠାବ ହୋଇଛି। ପର୍ପଲ ମୁର ହେନ୍‌କୁ ଓଡ଼ିଆରେ କାମ ପକ୍ଷୀ ବୋଲି କୁହଯାଏ। ଏହାର ବୈଜ୍ଞାନିକ ନାମ ହେଉଛି ପୋର୍‌ଫିରିଓ। ମଙ୍ଗଳାଯୋଡ଼ିରେ ପୋର୍‌ଫିରିଓ ଏକ ରେସିଡେଣ୍ଟ ପକ୍ଷୀ ଏବଂ ବହୁଳ ସଂଖ୍ୟାରେ ମିଳନ୍ତି। କିନ୍ତୁ ଆଲ୍‌ବିନୋ କାମ ପକ୍ଷୀ ପ୍ରଥମ କରି ଦେଖାଯାଇଛି। ଏକ ସାଧାରଣ କାମ ପକ୍ଷୀର ଶରୀର ବାଇଗଣୀ ଓ ନୀଳ ରଙ୍ଗର ହେବା ସହ ଲମ୍ବା ଗୋଡ଼ ଏବଂ ଥଣ୍ଟ ନାଲି ରଙ୍ଗର ହୋଇଥାଏ। ଲାଞ୍ଜ ଆବରଣ ତଳେ ଧଳା ଥାଏ। କିନ୍ତୁ ଠାବ କରାଯାଇଥିବା ଆଲ୍‌ବିନୋ କାମ ପକ୍ଷୀଟିର ଶରୀର ସମ୍ପୂର୍ଣ୍ଣ ଧଳା ରଙ୍ଗର ଅଟେ। ବିଶେଷଜ୍ଞଙ୍କ କହିବାନୁସାରେ, ଜେନେଟିକ୍ ମ୍ୟୁଟେଶନ ଯୋଗୁ ଶରୀରରେ ମେଲାନିନ୍ ପିଗ୍‌ମେଣ୍ଟର ଅଭାବ ହୋଇଥାଏ। ଫଳରେ ପ୍ରାଣୀମାନଙ୍କଠାରେ ଆଲ୍‌ବିନିଜିମ୍ ଦେଖାଯାଇଥାଏ। ଏହି ପ୍ରାଣୀମାନେ ପ୍ରାୟତଃ ସମ୍ପୂର୍ଣ୍ଣ ଧଳା, ହେଲେ ଆଖି ଉଜ୍ଜ୍ୱଳ ଗୋଲାପୀ କିମ୍ବା ଲାଲ ହୋଇଯାଏ।

ଗୋଲାପୀ ଆଖି ଥିବା ସମ୍ପୂର୍ଣ୍ଣ ଧଳା ରଙ୍ଗର ଏହି ପକ୍ଷୀକୁ ବାର୍ଡ ଗାଇଡ୍ ମଧୁ ବେହେରା ପ୍ରଥମେ ଦେଖି ଫଟୋ ଉଠାଇଥିଲେ। ଏହି ପକ୍ଷୀଟି ଅନ୍ୟ କାମ ପକ୍ଷୀଙ୍କ ସହ ଚରୁଥିବା ମଧୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମଧୁ କହିଛନ୍ତି, ଏହା ପ୍ରଥମ କରି ମଙ୍ଗଳାଯୋଡ଼ିରେ ଦେଖାଯାଇଛି। ତେବେ ପକ୍ଷୀଟି କେଉଁ ପ୍ରଜାତିର ତାହା ମୁଁ ନିଶ୍ଚିତ ନ ଥିଲି। ଫଟୋକୁ ଦେଖି ଅନେକ ପକ୍ଷୀ ବିଶାରଦ ଏହା ଆଲ୍‌ବିନୋ ପର୍ପଲ ମୁର ହେନ୍ ବୋଲି ଚିହ୍ନଟ କରିଛନ୍ତି। ସେମାନଙ୍କ କହିବାନୁସାରେ ଏହା ଭାରତରେ



ପ୍ରଥମ ଥର ପାଇଁ ଦେଖାଯାଇଛି। ସମ୍ଭବତଃ ବିଶ୍ୱରେ ମଧ ଏହା ପ୍ରଥମ ହୋଇପାରେ। ପକ୍ଷୀ ବିଶାରଦ ଗହର ଆବେଦିନ କୁହନ୍ତି, ମୁଁ ନିଜେ ଆଲ୍‌ବିନୋ ପାଣି କୁଆ ଦେଖିଛି ଓ ତା'ର ଫଟୋ ଉଠାଇଛି। କିନ୍ତୁ ଆଲ୍‌ବିନୋ ପର୍ପଲ ମୁର ହେନ୍ କେବେ ଦେଖିନାହିଁ କି ଆଉ କେହି ଦେଖିଥିବା ଜାଣିନାହିଁ। ଅନ୍ୟପଟେ ଏହି ପକ୍ଷୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ଆଲ୍‌ବିନୋ ପକ୍ଷୀର ପର୍ଯ୍ୟଟକ ଆକର୍ଷଣ ରହିଛି। ଆଗାମୀ ଅଫ୍ ସିଜନ୍‌ରେ ପର୍ଯ୍ୟଟକମାନେ କେବଳ ଏହି ବିରଳ ଆଲ୍‌ବିନୋ କାମ ପକ୍ଷୀକୁ ଦେଖିବା ପାଇଁ ଆସିବେ ବୋଲି ବିଶେଷଜ୍ଞମାନେ ଆଶା ରଖିଛନ୍ତି।

# ମା' ଅଁଳାଇ କ୍ରିକେଟ ଟୁର୍ନାମେଣ୍ଟ, ଅରାଙ୍ଗ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ, ୧୩ :**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଉଇଲକିଶନନଗର ଗ୍ରାମସ୍ଥିତ ଖେଳପଡିଆଠାରେ ଚାଲୁଥିବା ମା' ଅଁଳାଇ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଯାଁଳା କ୍ରିକେଟ ଟିମ୍‌କୁ ୪ ଉଇକେଟ୍‌ରେ ପରାସ୍ତ କରି ଅରାଙ୍ଗ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ଅରାଙ୍ଗ କ୍ରିକେଟ ଦଳ ୧୫ ଓଭରରେ ୬ ଉଇକେଟ ହରାଇ ୧୧୬ ରନ୍ କରିଥିଲା। ଜବାବରେ ଯାଁଳା ଦଳ ୧୨ ଓଭର ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୬୭ ରନ କରିବାରେ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଶିବରାମ ପୃଷ୍ଟି ୪୫ ବଲରେ ୫୨ରନ ବ୍ୟକ୍ତିଗତ ହାସଲ କରିଥିଲେ। ରିତେଶ କୁମାର ସ୍ୱାଇଁ ଓ ଚନ୍ଦ୍ରକାନ୍ତ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ ଶେଷରେ ଶିବରାମଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ ।

ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଗୋପାଳ କୃଷ୍ଣ ପ୍ରଧାନ, ନାଏବ ସରପଞ୍ଚ ଆକାଶ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୫ ହଜାର ସହ ଟ୍ରଫି ଓ ରନର୍ସ ଦଳକୁ ୩ ହଜାର ଟଙ୍କା ସହ କପ୍ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଆୟୋଜକ କ୍ଲବର ସଞ୍ଜୀବ ବିଶ୍ୱାଳ, ସୁଶୀଲ କୁମାର ସାହୁ ପ୍ରମୁଖ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସାହାଯ୍ୟ କରିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ: ହାଡ଼ପଦା ବିଜୟୀ

**ନିରାକାରପୁର,୧୩ (ଡି.ଏନ୍.ଏ.) :**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତସ୍ଥିତ ଘୋଡାଶାଳପଡିଆଠାରେ ଲେଣ୍ଡୋ ପ୍ରିମିୟର ଲିଗ କ୍ରିକେଟ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ନିରାକାରପୁର ୟଙ୍ଗଷ୍ଟାର କ୍ରିକେଟ କ୍ଲବ ବନାମ ମା' ମଙ୍ଗଳା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିରାକାରପୁର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୮ଟି ଉଇକେଟ ହରାଇ ୮୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ହାଡପଦା ଦଳ ୧୨. ୩ ଓଭରରେ ୩ଟି ଉଇକେଟ ହରାଇ ୮୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଖେଳକୁ ପ୍ରତ୍ୟୁଷ ଛୋଟରାୟ, ଆଶିଷ କର, ପ୍ରକାଶ ପ୍ରଧାନ ଓ ବିକାଶ ରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିବାବେଳେ ଅଶୋକ ଭୁଜବଳ ସହଯୋଗ କରିଥିଲେ। ଏହି ମ୍ୟାଚରେ ସାମାଜିକ କର୍ମୀ ବିଜୟ କୁମାର ପାଲଟାସିଂ ଅତିଥି ଭାବେ ଯୋଗଦେଇଥିଲେ।

### କ୍ରିକେଟ: ପାରିକୁଦ ଷ୍ଟ୍ରାଇକର ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରୁଛନ୍ତି ।

**କୃଷ୍ଣପ୍ରସାଦ, ୧୩ (ଡି.ଏନ.ଏ.):**

କୃଷ୍ଣପ୍ରସାଦ ବ୍ଲକର ମହାତ୍ମା ଗାନ୍ଧୀ ଯୁବ ସଙ୍ଗଠନ ଟିଛିଣି ଆନୁକୂଲ୍ୟରେ ତ୍ରିଲୋଚନେଶ୍ୱର ଷ୍ଟାଡିୟମଠାରେ ଚାଲିଥିବା ବ୍ଲକସ୍ତରୀୟ ୧୨ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତ୍ରିଲୋଚନେଶ୍ୱର ଦେବ କ୍ରିକେଟ ଟିମକୁ ହରାଇ ପାରିକୁଦ ଇଲେଭେନ ଷ୍ଟ୍ରାଇକର ଦଳ ଚାମ୍ପିୟନ ହୋଇଛି। ତ୍ରିଲୋଚନେଶ୍ୱର କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ୮୫ ରନ ସଂଗ୍ରହ କରିଥିଲା। ଜବାବରେ ପାରିକୁଦ ଷ୍ଟ୍ରାଇକର ୧୭ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଧନେଶ୍ୱର ଜେନା, ସୌମ୍ୟ ରଞ୍ଜନ ପଣ୍ଡା ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସୌଦାମିନୀ ମାନସିଂହ, ଅଲଣ୍ଡା ସରପଞ୍ଚ ବୁଲାମଣୀ ତରେଇ, ସୁକାନ୍ତ କୁମାର ମାନସିଂହ, ଅଶୋକ କୁମାର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ପଲେଇ, ରାଜୀବ କୁମାର ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଭୟ ଦଳକୁ ନିମନ୍ତ୍ରିତ ଅତିଥିମାନେ ପୁରସ୍କୃତ କରିଥିଲେ।

# ୨୧ ଘଣ୍ଟା ପରେ ଶ୍ରୀଜୀଉଙ୍କ ହେଲା ନୀତିକାନ୍ତି

**ପୁରୁଣା ଭୁବନେଶ୍ୱର, ୧୩ (ଡି.ଏନ.ଏ.)**

**ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପ୍ରସଙ୍ଗ**

ଶ୍ରୀଲିଙ୍ଗରାଜଙ୍କ ଶନିବାରଠାରୁ ବନ୍ଦ ଥିବା ନୀତିକାନ୍ତି ୨୧ଘଣ୍ଟା ପରେ ରବିବାର ସ୍ୱାଭାବିକ ହୋଇଛି। ସକାଳ ସାଢେ ୬ଟାରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି, ଅବକାଶ, ସର୍ବସାଧାରଣଙ୍କ ଦର୍ଶନ ପରେ ଅନ୍ୟାନ୍ୟ ନୀତିକାନ୍ତି କ୍ରମାନ୍ୱୟରେ ସମ୍ପାଦିତ ହୋଇଥିଲା। ଶନିବାର କେବଳ ମଙ୍ଗଳଆଳତି, ଅବକାଶ, ସାଧାରଣ ଦର୍ଶନ ପରଠାରୁ ଅର୍ଥାତ ସକାଳ ସାଢେ ୯ଟାରୁ ଶ୍ରୀଜୀଉଙ୍କ ନୀତି ବନ୍ଦ ରହିଥିଲା। କାରଣ ଥିଲା ଶ୍ରୀଲିଙ୍ଗରାଜଙ୍କ ୨୦୧୫ ଅଁଳା ନବମୀଠାରୁ ବନ୍ଦ ଥିବା ହାଣ୍ଡିଭଙ୍ଗା ଯାତ୍ରା ସ୍ୱାଭାବିକ କରିବା। ପ୍ରାୟ ୯ ଶହ ବର୍ଷ ପୂର୍ବରୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପରମ୍ପରା ଭିତ୍ତିରେ ମହାଶିବରାତ୍ରି ପରେ ପ୍ରଥମ ଶନିବାର ଦିଅଁଙ୍କର ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହିଦିନ ଶ୍ରୀଜୀଉ ସ୍ୱତନ୍ତ୍ର ଶୋଭାଯାତ୍ରାରେ ଶ୍ରୀକପିଳେଶ୍ୱର ମନ୍ଦିର ଯାତ୍ରା କରିଥାନ୍ତି। ସେଠାରେ ଥିବା ଖଟୁଲିରେ ଅବସ୍ଥାନ ପରେ ଭୋଗ ଲାଗି ହୋଇଥାଏ। ପରିସରରେ ଥିବା ଶନି ମନ୍ଦିରରେ ଆଳତି ହୋଇ ଭୋଗ ଲାଗି ହୋଇଥାଏ ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ୨୦୧୫ଠାରୁ ଶ୍ରୀକପିଳେଶ୍ୱର ମନ୍ଦିରରେ ଖୁଣ୍ଟିଆ ଓ ମଳିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖା ଦେଇଥିଲା।

ସୂଚନାଥାଉ କି ତତ୍‌କାଳୀନ ଦେବୋତ୍ତର ବିଭାଗ ଉପ କମିଶନର ଏହି ଦ୍ୱନ୍ଦ୍ୱର ସମାଧାନ କରି ପାରି ନ ଥିଲେ। ଫଳରେ ଶ୍ରୀଜୀଉଙ୍କ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ହୋଇ ଯାଇଥିଲା। ଯାହାକୁ ନେଇ ସେହି ସମୟରେ ବୁଦ୍ଧିଜୀବୀ ଓ ସେବାୟତଙ୍କ ମହଲରେ ନାପସନ୍ଦ କରାଯାଇଥିଲା। ଚଳିତବର୍ଷ ଏହି ଯାତ୍ରା ପୁଣି ଆରମ୍ଭ କରି ପରମ୍ପରା ଫେରାଇ ଆଣିବାକୁ ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗ ପକ୍ଷରୁ ଦାବି ହୋଇଥିଲା। ଶନିବାର ଦେବୋତ୍ତର କମିଶନର ହାଣ୍ଡିଭଙ୍ଗା ଯାତ୍ରା ସ୍ୱାଭାବିକ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାରୁ ରବିବାର ଦିଅଁଙ୍କ ନୀତିକାନ୍ତି ଆରମ୍ଭ ହୋଇଥିବା ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି।

### ପୂର୍ବ ଶତ୍ରୁତାକୁ ନେଇ ମାରପିଟ, ୪ ଗିରଫ

**ବାରଙ୍ଗ,୧୩(ଡି.ଏନ୍.ଏ)**

ଚନ୍ଦକା ଥାନା ଅନ୍ତର୍ଗତ ପାଇକେରାପୁର ଅଞ୍ଚଳର ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ ଅଭିଯୋଗରେ ରବିବାର ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ପଙ୍କଜ ମଲିଆ ଓ ତାଙ୍କ ସ୍ତ୍ରୀ ଚିନ୍ମୟୀ ମଲିଆ, ଶିବପ୍ରସାଦ ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ବବି ତ୍ରିପାଠୀ। ସୂଚନାଯୋଗ୍ୟ, ଶନିବାର ଏହି ଦୁଇଟି ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ କଥା କଟାକଟି ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏ ନେଇ ଶିବ ଓ ଚିନ୍ମୟୀ ପରିବାର ଉଭୟଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୩୩/୨୦ ଓ ୩୪/୨୦ରେ ଦୁଇଟି ପୃଥକ ମାମଲା ରୁଜୁକରି ଚାରିଜଣଙ୍କୁ ରବିବାର ଗିରଫ କରିଥିଲା।

# ଆଙ୍ଗ୍‌ଲୋ ବେଙ୍ଗଲ୍‌ରୁ ବିଶ୍ୱମ୍ଭର ବିଦ୍ୟାପୀଠ



ବିଶ୍ୱମ୍ଭର ବିଦ୍ୟାପୀଠ ସମ୍ମୁଖରେ ପୁରାତନ ଛାତ୍ରମାନେ ।

### ଆଲୁମ୍‌ନିଙ୍କ ଦ୍ୱାରା ହେବ ପ୍ଲାଟିନମ୍ ଜୁବିଲି

ଏପ୍ରିଲଠାରୁ ଏକବର୍ଷ ବ୍ୟାପୀ ବିଶ୍ୱମ୍ଭର ବିଦ୍ୟାପୀଠ ପ୍ଲାଟିନମ୍ ଜୁବିଲି ପାଳନ କରିବ। ଏନେଇ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ୧୯୪୫ରୁ ୨୦୧୯ ପର୍ଯ୍ୟନ୍ତ ଏଠାରୁ ମାଟ୍ରିକ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ କରାଯିବ। ସେମାନଙ୍କୁ ନେଇ ଗଠିତ ଆଲୁମ୍‌ନି ଦ୍ୱାରା ପ୍ଲାଟିନମ୍ ଜୁବିଲି ଖସଡ଼ା ଗଠନ ହେବ। ପ୍ରତି ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ କମିଟି ଗଠନ ହେବ। ସମସ୍ତ କମିଟିକୁ ନେଇ ଏକ ଅଭ୍ୟର୍ଥନା କମିଟି, ପ୍ଲାଟିନମ୍ ଜୁବିଲି ପରିଚାଳନା କମିଟି ଏବଂ ବିଭିନ୍ନ ସବ୍ କମିଟି ଗଠନ କରାଯାଇ ଏହାର ରୂପରେଖ ପ୍ରସ୍ତୁତ କରାଯିବ। ଏହି ବିଦ୍ୟାଳୟରୁ ଅତୀତରେ ପାସ କରି ବହୁକ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯିବ। ଏକ ବର୍ଷ ବ୍ୟାପୀ ଆଲୋଚନାଚକ୍ର, କର୍ମଶାଳା, ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ବନ୍ଧୁମିଳନ, ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଲାଗି ପ୍ରସ୍ତାବ ରହିଛି ବୋଲି ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା କହିଛନ୍ତି।

**ପ୍ରଭାତ ପାଣିଗ୍ରାହୀ**
**ପୁରୀ ଅଫିସ,୧୩**

ପୁରୀ ସହରର ଲବ୍ଧ ପ୍ରତିଷ୍ଠିତ ବିଦ୍ୟାଳୟ ମଧ୍ୟରେ ଅନ୍ୟତମ ବିଶ୍ୱମ୍ଭର ବିଦ୍ୟାପୀଠ। ୧୯୪୫ରେ ଏହା ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଆଜି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ରାଧାକାନ୍ତ ମଠ ମହନ୍ତ ବିଶ୍ୱମ୍ଭର ଦାସ ଗୋସ୍ୱାମୀ କୋଠା ନିର୍ମାଣ ଲାଗି ୧୦ହଜାର ଟଙ୍କା ଅନୁଦାନ ଦେଇଥିଲେ। ତାଙ୍କ ନାମାନୁସାରେ ଏହି ବିଦ୍ୟାଳୟର ନାମ ବିଶ୍ୱମ୍ଭର ରଖାଯାଇଛି। ୧୯୪୯ରେ ଏହା ସରକାରୀ ମାନ୍ୟତା ଲାଭ କରିଥିଲା ବୋଲି ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା କହିଛନ୍ତି।

ଅବସର ଗ୍ରହଣ କରିଥିବା ବରିଷ୍ଠ ଶିକ୍ଷକ ବସନ୍ତ କୁମାର ମିଶ୍ର କୁହନ୍ତି, ଏହି ବିଦ୍ୟାଳୟ ପୂର୍ବରୁ ଆଙ୍ଗ୍‌ଲୋ ବେଙ୍ଗ୍‌ଲ ନାମରେ ଏକ ମଧ ଇଂରାଜୀ ବିଦ୍ୟାଳୟ ରହିଥିଲା। ଏହାର ଉନ୍ନତି ପାଇଁ ସେହି ସମୟରେ ଦୁଇଜଣ ପ୍ରଖ୍ୟାତ ଆଇନଜୀବୀ ଲୋକନାଥ ପଟ୍ଟନାୟକ ଓ ଆର୍ତ୍ତବନ୍ଧୁ ଦାସ ଉଦ୍ୟମ କରିଥିଲେ। ଫଳରେ ମହନ୍ତ ବିଶ୍ୱମ୍ଭରଙ୍କ ସହଯୋଗରେ ଏହା ଉଚ୍ଚ ବିଦ୍ୟାଳୟରେ ପରିଣତ ହେଲା। ସେତେବେଳେ ୪ଟି ଆଜ୍‌ବେଷ୍ଟସ କୋଠରି ନିର୍ମାଣ କରାଯାଇ ପାଠପଢା ଆରମ୍ଭ ହୋଇଥିଲା। ଏହି ବିଦ୍ୟାଳୟର ପ୍ରଥମ ମାଟ୍ରିକ ବ୍ୟାଚ୍ ବିଦ୍ୟାର୍ଥୀ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଇଥିଲେ। ସେତେବେଳେ ଏହିବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ ଶ୍ରୀକୃଷ୍ଣ ମହାନ୍ତି। ସୁଧୀର ଚୌଧୁରୀ ଥିଲେ ସହକାରୀ ଶିକ୍ଷକ। ୧୯୫୧ରେ ପଦ୍ମନାଭ ଦାସ ସହକାରୀ ପ୍ରଧାନଶିକ୍ଷକ ଭାବେ ଯୋଗଦେଇଥିଲେ। ୧୯୫୨ରେ ଶ୍ରୀକୃଷ୍ଣ ମହାନ୍ତି ବିଦାୟ ନେଇଥିଲେ। ସେହି ସମୟରେ ଏହି ବିଦ୍ୟାଳୟରେ ଶହେ ଛାତ୍ରୀଛାତ୍ର ରହିଥିଲେ। କିନ୍ତୁ ପୁରୀ ଜିଲା ସ୍କୁଲର ପ୍ରାଧାନ୍ୟ ରହିଥିଲା। ସେଠାରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠ ଶିକ୍ଷକମାନେ ବିଦ୍ୟାଳୟରେ ଉନ୍ନତ ପରିବେଶ ଏବଂ ଶିକ୍ଷାର ଅଗ୍ରଗତି ଉପରେ ଗୁରୁତ୍ୱ ଦେବେ ବୋଲି ସଂକଳ୍ପ ନେଲେ। ଗୁଣାତ୍ମକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଗଲା। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ, ପାଠପଢା ପ୍ରତି ଅଧିକ ଗୁରୁତ୍ୱ ଦେଇଥିଲେ। ୧୯୬୯ ପରେ ବିଶ୍ୱମ୍ଭର ବିଦ୍ୟାପୀଠ ଶିକ୍ଷାକ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିଥିଲା। ଏହି ବିଦ୍ୟାଳୟରେ ବହୁ ମେଧାବୀ ବିଦ୍ୟାର୍ଥୀ ନାମ ଲେଖାଇଲେ। ୧୯୯୦ ବେଳକୁ ଛାତ୍ରସଂଖ୍ୟା ବୃଦ୍ଧି ଘଟି ୨୨୦୦ ଟପି ଯାଇଥିଲା, ଯାହାକି ଓଡ଼ିଶାର ଏକ ନମ୍ବର ସ୍କୁଲ ଭାବେ ପରିଚିତ ହୋଇଥିଲା। ୧୯୬୦ ପରେ ବିଦ୍ୟାଳୟରେ ଏନସିସି, ଆର୍ମି ୱିଙ୍ଗ ଥିଲା। ଶିକ୍ଷକମାନଙ୍କ ଛାତ୍ରବତ୍ସଳତା, ଦାୟିତ୍ୱବୋଧତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ସଚ୍ଚୋଟତା, ଶିକ୍ଷାଦାନ ପଦ୍ଧତି ଯୋଗୁ ବିଶ୍ୱମ୍ଭର ବିଦ୍ୟାପୀଠ ତା'ର ଗୌରବ ବୃଦ୍ଧି କରିଥିଲା ବୋଲି ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ମିଶ୍ର କହିଛନ୍ତି।

### ପଢ଼ିଥିଲେ ବିଜୁ ପଟ୍ଟନାୟକ, ସଞ୍ଜୁ ପଣ୍ଡା

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବାପା ଲକ୍ଷ୍ମୀ ପଟ୍ଟନାୟକ ନାଜର ଥିଲେ। ସେହି ସମୟରେ ବିଜୁବାବୁ ଏହି ବିଦ୍ୟାପୀଠର ଛାତ୍ର ଥିଲେ। ବର୍ତ୍ତମାନର ହାଇକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା ମଧ ଏହି ବିଦ୍ୟାପୀଠର ଛାତ୍ରୀ ଥିଲେ। ୧୯୭୦ରେ ରୌପ୍ୟଜୟନ୍ତୀ ଅବସରରେ ତତ୍କାଳୀନ ରାଜ୍ୟପାଳ ଏସ୍. ଅନସାରୀ ଏବଂ ୧୯୯୫ ସୁବର୍ଣ୍ଣ ଜୟନ୍ତୀରେ ତତ୍କାଳୀନ ବିରୋଧୀ ଦଳ ନେତା ବିଜୁ ପଟ୍ଟନାୟକ ଏବଂ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ ବୋଲି କହିଛନ୍ତି ବିଦ୍ୟାପୀଠର ପୁରାତନ ଛାତ୍ର ସୌମେନ୍ଦ୍ର ଜେନା।

- ମହନ୍ତଙ୍କ ନାମାନୁସାରେ ନାମିତ
- ୪ ଆଜ୍‌ବେଷ୍ଟସ କୋଠରିରେ ଆରମ୍ଭ ହୋଇଥିଲା ଶିକ୍ଷାଦାନ



ପଇସାକୁ ଯଦି ଜ୍ଞାନ ଅର୍ଜନରେ ଖଟାଇଲ ଜାଣି ରଖ ସବୁଠାରୁ ଉଚ୍ଚ ହାରରେ ସୁଧ ମିଳିବ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ କାୟାକଳ୍ପ ମାନ୍ୟତା

ନିମାପଡ଼ା,୧।୩(ଡି.ଏନ୍.ଏ)- ନିମାପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମଗ୍ର ପୁରୀ ଜିଲାରେ ପ୍ରଥମ କାୟାକଳ୍ପ ମାନ୍ୟତା ହାସଲ କରିଛି। ରାଜ୍ୟସ୍ତରୀୟ କାୟାକଳ୍ପ କମିଟି ଦ୍ୱାରା ଚୟନ କରାଯାଇ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ମାନ୍ୟତା ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀଙ୍କଠାରୁ ଜଣାପଡ଼ିଛି। ଗତ ୨ମାସ ତଳେ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ରୋଗୀ ସେବା, ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ପରିବେଶ, ପରିମଳ ବ୍ୟବସ୍ଥା, ନିରାମୟ ଯୋଜନା, ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହାସହ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅନ୍ତଃବିଭାଗ, ନିଦାନ ବିଭାଗ, ଅସ୍ତ୍ରୋପଚାର ଗୃହ, ବିଭିନ୍ନ ପରୀକ୍ଷାନିରୀକ୍ଷା ଗୃହ, ହର୍ବାଲ ଗାର୍ଡେନ ଆଦି ପରିଦର୍ଶନ କରି ଏହି ଟିମ ସନ୍ତୋଷ ପ୍ରକାଶ କରିଥିଲେ। ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାରେ ପ୍ରଥମ କାୟାକଳ୍ପର ମାନ୍ୟତା ଲାଭ କରିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ସେଠୀଙ୍କ ସମେତ ଫାର୍ମାସିଷ୍ଟ ଆଇ.ତ୍ରିନାଥ ପାତ୍ର, ଅନ୍ୟାନ୍ୟ ଡାକ୍ତର, ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ ଅଧିକାରୀ, ଏନ୍‌ଏସି, ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ଗଣମାଧ୍ୟମମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

### କଳାକାରଙ୍କୁ ପରିଚୟପତ୍ର ପ୍ରଦାନ ଦାବି

ପୁରୀ ଅଫିସ,୧।୩ : ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ଓ ଆଡଭର୍ଟାଇଜ୍‌ମେଣ୍ଟ ୱାର୍କର୍ସ୍ ଆସୋସିଏଶନ ପୁରୀ ଜିଲା ସଂଘର ଏକ ବୈଠକ ଜିଲା ସଭାପତି ଲିଙ୍ଗରାଜ ମହାରଣାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କଳାକାରମାନଙ୍କୁ ପରିଚୟପତ୍ର, ସାମାଜିକ ସୁରକ୍ଷା, ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ଆସୁଥିବା ବିଜ୍ଞାପନ ରଙ୍ଗତୂଳୀ କଳାକାର ଅଥବା ସଂଘକୁ ପ୍ରଦାନ ଲାଗି ଦାବି ହୋଇଥିଲା। ରଙ୍ଗତୂଳୀ କଳାକାରଙ୍କ ଲାଗି ସରକାର ସ୍ୱତନ୍ତ୍ର ବୋର୍ଡ ଗଠନ କରନ୍ତୁ, ଅଥବା ବେକାରି ଭତ୍ତା ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି। ଏଥିରେ ସଂଘ ରାଜ୍ୟ ସମ୍ପାଦକ ରଞ୍ଜନ ମିଶ୍ର, ଜିଲା ସମ୍ପାଦକ ସରୋଜ ଦାସ, ପ୍ରଶାନ୍ତ ପ୍ରଧାନ, ଦୁର୍ଗା ମାଧବ ସାହୁଙ୍କ ସହ ସମସ୍ତ ବ୍ଲକର କଳାକାରମାନେ ଯୋଗଦେଇଥିଲେ।

# ଆଙ୍ଗ୍ଲୋ ବେଙ୍ଗଲ୍‌ରୁ ବିଶ୍ୱମ୍ଭର ବିଦ୍ୟାପୀଠ

■ମହନ୍ତଙ୍କ ନାମାନୁସାରେ ନାମିତ
■୪ ଆଜ୍‌ବେଷ୍ଟସ କୋଠରିରେ ଆରମ୍ଭ ହୋଇଥିଲା ଶିକ୍ଷାଦାନ

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ,୧।୩



ବିଶ୍ୱମ୍ଭର ବିଦ୍ୟାପୀଠ ସମ୍ମୁଖରେ ପୁରାତନ ଛାତ୍ରମାନେ।

ପୁରୀ ସହରର ଲବ୍ଧ ପ୍ରତିଷ୍ଠିତ ବିଦ୍ୟାଳୟ ମଧ୍ୟରେ ଅନ୍ୟତମ ବିଶ୍ୱମ୍ଭର ବିଦ୍ୟାପୀଠ। ୧୯୪୫ରେ ଏହା ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଆଜି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ରାଧାକାନ୍ତ ମଠ ମହନ୍ତ ବିଶ୍ୱମ୍ଭର ଦାସ ଗୋସ୍ୱାମୀ କୋଠା ନିର୍ମାଣ ଲାଗି ୧୦ହଜାର ଟଙ୍କା ଅନୁଦାନ ଦେଇଥିଲେ। ତାଙ୍କ ନାମାନୁସାରେ ଏହି ବିଦ୍ୟାଳୟର ନାମ ବିଶ୍ୱମ୍ଭର ରଖାଯାଇଛି। ୧୯୪୯ରେ ଏହା ସରକାରୀ ମାନ୍ୟତା ଲାଭ କରିଥିଲା ବୋଲି ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା କହିଛନ୍ତି।

ଅବସର ଗ୍ରହଣ କରିଥିବା ବରିଷ୍ଠ ଶିକ୍ଷକ ବସନ୍ତ କୁମାର ମିଶ୍ର କୁହନ୍ତି, ଏହି ବିଦ୍ୟାଳୟ ପୂର୍ବରୁ ଆଙ୍ଗ୍ଲୋ ବେଙ୍ଗଲ ନାମରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ରହିଥିଲା। ଏହାର ଉନ୍ନତି ପାଇଁ ସେହି ସମୟରେ ଦୁଇଜଣ ପ୍ରଖ୍ୟାତ ଆଇନଜୀବୀ ଲୋକନାଥ ପଟ୍ଟନାୟକ ଓ ଆର୍ତ୍ତବନ୍ଧୁ ଦାସ ଉଦ୍ୟମ କରିଥିଲେ। ଫଳରେ ମହନ୍ତ ବିଶ୍ୱମ୍ଭରଙ୍କ ସହଯୋଗରେ ଏହା ଉଚ୍ଚ ବିଦ୍ୟାଳୟରେ ପରିଣତ ହେଲା। ସେତେବେଳେ ୪ଟି ଆଜ୍‌ବେଷ୍ଟସ କୋଠରି ନିର୍ମାଣ କରାଯାଇ ପାଠପଢ଼ା ଆରମ୍ଭ ହୋଇଥିଲା। ଏହି ବିଦ୍ୟାଳୟର ପ୍ରଥମ ମାଟ୍ରିକ ବ୍ୟାଚ୍ ବିଦ୍ୟାର୍ଥୀ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଇଥିଲେ। ସେତେବେଳେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ ଶ୍ରୀକୃଷ୍ଣ ମହାନ୍ତି। ସୁଧୀର ଚୌଧୁରୀ ଥିଲେ ସହକାରୀ ଶିକ୍ଷକ। ୧୯୫୧ରେ ପଦ୍ମନାଭ ଦାସ ସହକାରୀ ପ୍ରଧାନଶିକ୍ଷକ ଭାବେ ଯୋଗଦେଇଥିଲେ। ୧୯୫୨ରେ ଶ୍ରୀକୃଷ୍ଣ ମହାନ୍ତି ବିଦାୟ ନେଇଥିଲେ। ସେହି ସମୟରେ ଏହି ବିଦ୍ୟାଳୟରେ ଶହେ ଛାତ୍ରୀଛାତ୍ର ରହିଥିଲେ। କିନ୍ତୁ ପୁରୀ ଜିଲା ସ୍କୁଲର ପ୍ରାଧାନ୍ୟ ରହିଥିଲା। ସେଠାରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠ ଶିକ୍ଷକମାନେ ବିଦ୍ୟାଳୟରେ ଉନ୍ନତ ପରିବେଶ ଏବଂ ଶିକ୍ଷାର ଅଗ୍ରଗତି ଉପରେ ଗୁରୁତ୍ୱ ଦେବେ ବୋଲି ସଂକଳ୍ପ ନେଲେ। ଗୁଣାତ୍ମକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଗଲା। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ, ପାଠପଢ଼ା ପ୍ରତି ଅଧିକ ଗୁରୁତ୍ୱ ଦେଇଥିଲେ। ୧୯୬୯ ପରେ ବିଶ୍ୱମ୍ଭର ବିଦ୍ୟାପୀଠ ଶିକ୍ଷାକ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିଥିଲା। ଏହି ବିଦ୍ୟାଳୟରେ ବହୁ ମେଧାବୀ ବିଦ୍ୟାର୍ଥୀ ନାମ ଲେଖାଇଲେ। ୧୯୯୦ ବେଳକୁ ଛାତ୍ରସଂଖ୍ୟା ବୃଦ୍ଧି ଘଟି ୨୨୦୦ ଟପି ଯାଇଥିଲା, ଯାହାକି ଓଡ଼ିଶାର ଏକ ନମ୍ବର ସ୍କୁଲ ଭାବେ ପରିଚିତ ହୋଇଥିଲା। ୧୯୬୦ ପରେ ବିଦ୍ୟାଳୟରେ ଏନ୍‌ସିସି, ଆର୍ମି ୱିଙ୍ଗ ଥିଲା। ଶିକ୍ଷକମାନଙ୍କ ଛାତ୍ରବତ୍ସଳତା, ଦାୟିତ୍ୱବୋଧତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ସଚ୍ଚୋଟତା, ଶିକ୍ଷାଦାନ ପଦ୍ଧତି ଯୋଗୁ ବିଶ୍ୱମ୍ଭର ବିଦ୍ୟାପୀଠ ତା'ର ଗୌରବ ବୃଦ୍ଧି କରିଥିଲା ବୋଲି ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ମିଶ୍ର କହିଛନ୍ତି।

### ଆଲୁମ୍‌ନିଙ୍କ ଦ୍ୱାରା ହେବ ପ୍ଲାଟିନମ୍ ଜୁବିଲି

ଏପ୍ରିଲଠାରୁ ଏକବର୍ଷ ବ୍ୟାପୀ ବିଶ୍ୱମ୍ଭର ବିଦ୍ୟାପୀଠ ପ୍ଲାଟିନମ୍ ଜୁବିଲି ପାଳନ କରିବ। ଏନେଇ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ୧୯୪୫ରୁ ୨୦୧୯ ପର୍ଯ୍ୟନ୍ତ ଏଠାରୁ ମାଟ୍ରିକ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ କରାଯିବ। ସେମାନଙ୍କୁ ନେଇ ଗଠିତ ଆଲୁମ୍‌ନି ଦ୍ୱାରା ପ୍ଲାଟିନମ୍ ଜୁବିଲି ଖସଡ଼ା ଗଠନ ହେବ। ପ୍ରତି ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ କମିଟି ଗଠନ ହେବ। ସମସ୍ତ କମିଟିକୁ ନେଇ ଏକ ଅଭ୍ୟର୍ଥନା କମିଟି, ପ୍ଲାଟିନମ୍ ଜୁବିଲି ପରିଚାଳନା କମିଟି ଏବଂ ବିଭିନ୍ନ ସବ୍ କମିଟି ଗଠନ କରାଯାଇ ଏହାର ରୂପରେଖ ପ୍ରସ୍ତୁତ କରାଯିବ। ଏହି ବିଦ୍ୟାଳୟରୁ ଅତୀତରେ ପାସ କରି ବହୁକ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯିବ। ଏକ ବର୍ଷ ବ୍ୟାପୀ ଆଲୋଚନାଚକ୍ର, କର୍ମଶାଳା, ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ବନ୍ଧୁମିଳନ, ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଲାଗି ପ୍ରସ୍ତାବ ରହିଛି ବୋଲି ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା କହିଛନ୍ତି।

### ପଢ଼ିଥିଲେ ବିଜୁ ପଟ୍ଟନାୟକ, ସଞ୍ଜୁ ପଣ୍ଡା

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବାପା ଲକ୍ଷ୍ମୀ ପଟ୍ଟନାୟକ ନାଜର ଥିଲେ। ସେହି ସମୟରେ ବିଜୁବାବୁ ଏହି ବିଦ୍ୟାପୀଠର ଛାତ୍ର ଥିଲେ। ବର୍ତ୍ତମାନର ହାଇକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା ମଧ୍ୟ ଏହି ବିଦ୍ୟାପୀଠର ଛାତ୍ରୀ ଥିଲେ। ୧୯୭୦ରେ ରୌପ୍ୟଜୟନ୍ତୀ ଅବସରରେ ତତ୍କାଳୀନ ରାଜ୍ୟପାଳ ଏସ୍. ଅନସାରୀ ଏବଂ ୧୯୯୫ ସୁବର୍ଣ୍ଣ ଜୟନ୍ତୀରେ ତତ୍କାଳୀନ ବିରୋଧୀ ଦଳ ନେତା ବିଜୁ ପଟ୍ଟନାୟକ ଏବଂ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ ବୋଲି କହିଛନ୍ତି ବିଦ୍ୟାପୀଠର ପୁରାତନ ଛାତ୍ର ସୌମେନ୍ଦ୍ର ଜେନା।

# ୨ ବର୍ଷରେ ୬୯୨ ଚାଳକଙ୍କ ଡିଏଲ୍ ରଦ୍ଦ

ପୁରୀ ଅଫିସ,୧।୩

**ପୁରୀ ଜିଲା**
■୨ ବର୍ଷରେ ସଡ଼କ ଦୁର୍ଘଟଣାରେ ଯାଇଛି ୨୬୪ ଜୀବନ

ସଡ଼କ ଦୁର୍ଘଟଣା ଏବଂ ଏଥିଜନିତ ମୃତ୍ୟୁସଂଖ୍ୟା ବଢୁଥିବାରୁ ସଂଶୋଧିତ ମୋଟର ଯାନ ଆଇନକୁ କଡାକଡି କରାଯାଇଛି। ରବିବାରଠାରୁ ଏହି ଆଇନ ରାଜ୍ୟରେ କଡାକଡି ଭାବେ ଲାଗୁ ହୋଇଛି। ଏଥିପାଇଁ ପୁରୀ ଜିଲାରେ ପୋଲିସ ଏବଂ ଆର୍‌ଟିଓ ପକ୍ଷରୁ ଧରପଗଡ଼ ଚାଲିଛି। ସରକାରୀ ନିୟମକୁ ବେଖାତିର କରି ଗାଡ଼ି ଚଳାଉଥିବା ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଗତ ୨ ବର୍ଷରେ ଜିଲାରେ ୬୯୨ ଚାଳକଙ୍କ ଡିଏଲ୍ ରଦ୍ଦ ହୋଇଥିବା ଜଣାପଡିଛି।

ଦ୍ରୁତ ଗାଡ଼ିଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା, ଡ୍ରାଇଭିଂ ବେଳେ ମୋବାଇଲ ଫୋନରେ କଥା ହେଉଥିବା, ଓଭରଲୋଡିଂ, ଡାଲା ଗାଡ଼ିରେ ଯାତ୍ରୀ ପରିବହନ କରୁଥିବା ଚାଳକମାନଙ୍କ ଲାଇସେନ୍ସ ରଦ୍ଦ ହୋଇଛି। ୨୦୧୮ରେ ୩୮୦ ଏବଂ ୨୦୧୯ରେ ୩୧୨ ଚାଳକଙ୍କ ଡିଏଲ୍ ରଦ୍ଦ କରାଯାଇଛି। ଗତବର୍ଷ ତଥ୍ୟକୁ ଦେଖିଲେ, ପୋଲିସ ୭୭ ଜଣଙ୍କୁ ଧରି ଡିଏଲ୍ ରଦ୍ଦ ପାଇଁ ସୁପାରିସ କରିଥିବାବେଳେ ଆର୍‌ଟିଓ ୨୩୫ ଚାଳକଙ୍କ ଡିଏଲ୍ ରଦ୍ଦ କରିଛନ୍ତି। ଡିସେମ୍ବରରେ ସର୍ବାଧିକ ୫୧ଜଣଙ୍କର ଏବଂ ମେ ମାସରେ ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିବା ଜଣାପଡିଛି। ଦ୍ରୁତଗତିରେ ଗାଡ଼ିଚାଳନା ଯୋଗୁ ସର୍ବାଧିକ ଚାଳକଙ୍କ ଡିଏଲ୍ ରଦ୍ଦ ହୋଇଛି। ୨୦୧୯ରେ ଆର୍‌ଟିଓ ୧,୧୨୧ ଜଣଙ୍କୁ ଧରିଥିବାବେଳେ ୧୯୫ ଜଣଙ୍କ ଡିଏଲ୍ ରଦ୍ଦ କରାଯାଇଛି। ସେହିପରି ମଦ୍ୟପାନ କରି ଗାଡ଼ି ଚଳାଉଥିବାବେଳେ ୬୮ ଜଣ ଧରାପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୫୪ ଜଣଙ୍କ ଲାଇସେନ୍ସ ରଦ୍ଦ ହୋଇଛି। ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନରେ କଥା ହୋଇ ୫୭ ଜଣ ଧରାପଡ଼ିଥିବାବେଳେ ୨୪ ଜଣଙ୍କ ଲାଇସେନ୍ସ ରଦ୍ଦ କରିଛି ଆର୍‌ଟିଓ। ୨୪ଟି ଓଭରଲୋଡିଂ ଘଟଣାରେ ୧୩ ଜଣଙ୍କ, ଡାଲା ଗାଡ଼ିରେ ଯାତ୍ରୀ ନେଉଥିବା ୩୮ ଘଟଣାରେ ୨୪ ଜଣଙ୍କର ଡିଏଲ୍ ରଦ୍ଦ କରାଯାଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ଗତ ଦୁଇ ବର୍ଷରେ ୨୯୯ ସଡ଼କ ଦୁର୍ଘଟଣାରେ ୨୬୪ ଜଣଙ୍କ ଜୀବନ ଯାଇଛି। ୧୦୨ ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୧୯ରେ ଜିଲାର ବିଭିନ୍ନ ସ୍ଥାନରେ ୧୬୮ଟି ଦୁର୍ଘଟଣା ଘଟି ୧୪୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୨ ଜଣ ଆହତ ହୋଇଛନ୍ତି। ୨୦୧୮ରେ ୧୩୧ ଦୁର୍ଘଟଣାରେ ୧୧୮ ଜଣଙ୍କ ମୃତ୍ୟୁ ଏବଂ ୫୦ଜଣ ଗୁରୁତର ହୋଇଛନ୍ତି। ୨୦୧୯ ଜାନୁୟାରୀରେ ସର୍ବାଧିକ ୧୯ ଦୁର୍ଘଟଣା ହୋଇଥିବାବେଳେ ସେପ୍ଟେମ୍ବରରେ ସର୍ବାଧିକ ୧୭ଜଣଙ୍କ ମୃତ୍ୟୁ ଘଟିଛି। ଫେବୃୟାରୀରେ ସର୍ବାଧିକ ୧୦ଜଣ ଗୁରୁତର ହୋଇଛନ୍ତି। ସେହିପରି ୨୦୧୮ରେ ମେ ମାସରେ ସର୍ବାଧିକ ୨୨ ଦୁର୍ଘଟଣା ହୋଇଥିବା ବେଳେ ସର୍ବାଧିକ ମୃତ୍ୟୁ ସେପ୍ଟେମ୍ବର ଓ ଅକ୍ଟୋବରରେ ୧୬ଟି ଲେଖାଏ ହୋଇଛି। ଫେବୃୟାରୀରେ ସବୁଠୁ ଅଧିକ ୧୩ଜଣ ଗୁରୁତର ହୋଇଛନ୍ତି।

# ମଙ୍ଗଳାଯୋଡ଼ିରେ ବିରଳ ଆଲବିନୋ କାମ ପକ୍ଷୀ

ଭୁବନେଶ୍ୱର, ୧।୩(ବ୍ୟୁରୋ)



ପକ୍ଷୀଙ୍କ ସ୍ୱର୍ଗ କୁହାଯାଉଥିବା ଚିଲିକାର ମଙ୍ଗଳାଯୋଡ଼ିରେ ବିରଳ ଆଲ୍‌ବିନୋ ପର୍ପଲ ମୁର୍ ହେନ୍ ବା ଆଲ୍‌ବିନୋ କାମ ପକ୍ଷୀ ଠାବ ହୋଇଛି। ପର୍ପଲ ମୁର ହେନ୍‌କୁ ଓଡ଼ିଆରେ କାମ ପକ୍ଷୀ ବୋଲି କୁହଯାଏ। ଏହାର ବୈଜ୍ଞାନିକ ନାମ ହେଉଛି ପୋର୍‌ଫିରିଓ। ମଙ୍ଗଳାଯୋଡ଼ିରେ ପୋର୍‌ଫିରିଓ ଏକ ରେସିଡେଣ୍ଟ ପକ୍ଷୀ ଏବଂ ବହୁଳ ସଂଖ୍ୟାରେ ମିଳନ୍ତି। କିନ୍ତୁ ଆଲ୍‌ବିନୋ କାମ ପକ୍ଷୀ ପ୍ରଥମ କରି ଦେଖାଯାଇଛି। ଏକ ସାଧାରଣ କାମ ପକ୍ଷୀର ଶରୀର ବାଇଗଣୀ ଓ ନୀଳ ରଙ୍ଗର ହେବା ସହ ଲମ୍ୱା ଗୋଡ଼ ଏବଂ ଥଣ୍ଟ ନାଲି ରଙ୍ଗର ହୋଇଥାଏ। ଲାଞ୍ଜ ଆବରଣ ତଳେ ଧଳା ଥାଏ। କିନ୍ତୁ ଠାବ କରାଯାଇଥିବା ଆଲ୍‌ବିନୋ କାମ ପକ୍ଷୀଟିର ଶରୀର ସମ୍ପୂର୍ଣ୍ଣ ଧଳା ରଙ୍ଗର ଅଟେ। ବିଶେଷଜ୍ଞଙ୍କ କହିବାନୁସାରେ, ଜେନେଟିକ୍ ମ୍ୟୁଟେଶନ ଯୋଗୁ ଶରୀରରେ ମେଲାନିନ୍ ପିଗ୍‌ମେଣ୍ଟର ଅଭାବ ହୋଇଥାଏ। ଫଳରେ ପ୍ରାଣୀମାନଙ୍କଠାରେ ଆଲ୍‌ବିନିଜିମ୍ ଦେଖାଯାଇଥାଏ। ଏହି ପ୍ରାଣୀମାନେ ପ୍ରାୟତଃ ସମ୍ପୂର୍ଣ୍ଣ ଧଳା, ହେଲେ ଆଖି ଉଜ୍ଜ୍ୱଳ ଗୋଲାପୀ କିମ୍ବା ଲାଲ ହୋଇଯାଏ। ଗୋଲାପୀ ଆଖି ଥିବା ସମ୍ପୂର୍ଣ୍ଣ ଧଳା ରଙ୍ଗର ଏହି ପକ୍ଷୀକୁ ବାର୍ଡ ଗାଇଡ୍ ମଧୁ ବେହେରା ପ୍ରଥମେ ଦେଖି ଫଟୋ ଉଠାଇଥିଲେ। ଏହି ପକ୍ଷୀଟି ଅନ୍ୟ କାମ ପକ୍ଷୀଙ୍କ ସହ ଚରୁଥିବା ମଧୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମଧୁ କହିଛନ୍ତି, ଏହା ପ୍ରଥମ କରି ମଙ୍ଗଳାଯୋଡ଼ିରେ ଦେଖାଯାଇଛି। ତେବେ ପକ୍ଷୀଟି କେଉଁ ପ୍ରଜାତିର ତାହା ମୁଁ ନିଶ୍ଚିତ ନ ଥିଲି। ଫଟୋକୁ ଦେଖି ଅନେକ ପକ୍ଷୀ ବିଶାରଦ ଏହା ଆଲ୍‌ବିନୋ ପର୍ପଲ ମୁର ହେନ୍ ବୋଲି ଚିହ୍ନଟ କରିଛନ୍ତି। ସେମାନଙ୍କ କହିବାନୁସାରେ ଏହା ଭାରତରେ ପ୍ରଥମ ଥର ପାଇଁ ଦେଖାଯାଇଛି। ପକ୍ଷୀ ବିଶାରଦ ଗହର ଆବେଦିନ କୁହନ୍ତି, ମୁଁ ନିଜେ ଆଲ୍‌ବିନୋ ପାଣି କୁଆ ଦେଖିଛି ଓ ତା'ର ଫଟୋ ଉଠାଇଛି। କିନ୍ତୁ ଆଲ୍‌ବିନୋ ପର୍ପଲ ମୁର ହେନ୍ କେବେ ଦେଖିନାହିଁ କି ଆଉ କେହି ଦେଖିଥିବା ଜାଣିନାହିଁ।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡକୁ ସୌନ୍ଦର୍ଯ୍ୟ କରିବା ପାଇଁ ଝୋଟି ଚିତା ପକାଯାଉଛି।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ

ଗୋପ,୧।୩(ଡି.ଏନ୍.ଏ)

ଗୋପ ଥାନା ଅଞ୍ଚଳର ଜଣେ ମହିଳା ରବିବାର ଘରେ ଏକୁଟିଆ ଥିବାବେଳେ ତାଙ୍କ ପୁତୁରା ଆସି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ପୁତୁରାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ସୂଚନାଯୋଗ୍ୟ, ମହିଳାଙ୍କ ପରିବାର ଲୋକ ରବିବାର ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ମହିଳା ଜଣକ ଘରେ ଏକୁଟିଆ ଥିବାବେଳେ ପୁତୁରା ଘରର ପଛପଟେ କବାଟ ଖୋଲି ଆସି ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ପାଟି କରିବାରୁ ପୁତୁରା ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# ମାଟିଆପଡ଼ା ରେଳ ଓଭରବ୍ରିଜ ନିର୍ମାଣ ତ୍ୱରାନ୍ୱିତ ଦାବି

ପୁରୀ ଅଫିସ,୧।୩

ପୁରୀ-କୋଣାର୍କ ଜାତୀୟ ରାଜପଥ ଅନ୍ତର୍ଗତ ପ୍ରସ୍ତାବିତ ମାଟିଆପଡ଼ା (ସିଦ୍ଧ ମହାବୀର) ରେଳ ଓଭରବ୍ରିଜ ନିର୍ମାଣ ତ୍ୱରାନ୍ୱିତ ଲାଗି ରୋଡ ସୁରକ୍ଷା ରେଳ କ୍ରିୟାନୁଷ୍ଠାନ କମିଟି ରବିବାର ଦାବି କରିଛି। କମିଟି ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସ୍ୱର ଉତ୍ତୋଳନ କରିଛନ୍ତି। ରବିବାର ସ୍ଥାନୀୟ ଦଶାବତାର ମଠ ପରିସରରେ କମିଟି ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ। ସିଦ୍ଧ ମହାବୀର ରେଳ ଫାଟକ ଦେଇ ବିଭିନ୍ନ ସ୍ଥାନକୁ ଛୋଟବଡ଼ ଘରୋଇ ବସ୍ ଯାତାୟାତ କରୁଛି। ପୂର୍ବାହ୍ନରୁ ରାତି ଯାଏ ବହୁ ଲୋକ ଯାଆସ କରୁଛନ୍ତି। ହେଲେ ଏହି ରେଳଫାଟକ ଦେଇ ପ୍ରତି ୧୦ରୁ ୧୫ ମିନିଟ୍‌ରେ ଟ୍ରେନ ଯାତାୟାତ କରୁଛି। ଫଳରେ ରେଳ ଫାଟକ ବନ୍ଦ ରହୁଛି। ଅନ୍ୟପଟେ କୌଣସି ସିଗନାଲ ସମସ୍ୟା, ଯାନ୍ତ୍ରିକ ତ୍ରୁଟି କାରଣରୁ ଫାଟକ ବନ୍ଦ ରହିଲେ ଉଭୟପଟେ ଏକ କିମି ବ୍ୟାପୀ ଲୋକେ ଲମ୍ୱାଧାଡ଼ିରେ ଅପେକ୍ଷା କରି ରହୁଛନ୍ତି। ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରାୟ ୬୦କୋଟି ଟଙ୍କା ବ୍ୟୟ ଅଟକଳରେ ଓଭରବ୍ରିଜ୍ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ।

ଅନ୍ୟପକ୍ଷରେ ଓଭରବ୍ରିଜ ନିର୍ମାଣକୁ ବିରୋଧ କରି ବିସ୍ଥାପିତ ହେବାକୁ ଥିବା ମାଟିଆପଡା, ସିଦ୍ଧମହାବୀର ଓ ବାଲିଘାଟର ଶତାଧିକ ଅଧିବାସୀ ଫେବୃୟାରୀ ୨୭ରେ ଅତିରିକ୍ତ ଜିଲାପାଳ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ଓଭରବ୍ରିଜ ନିର୍ମାଣ ସ୍ଥାନ ପରିବର୍ତ୍ତନ ଲାଗି ଦାବି କରିଥିଲେ। କିନ୍ତୁ ଓଭରବ୍ରିଜ ନିର୍ମାଣ ଲାଗି ଡିପିଆର ପ୍ଲାନ ପ୍ରସ୍ତୁତ ସରିଛି। ପ୍ରସ୍ତାବିତ ଓଭରବ୍ରିଜର ଦୈର୍ଘ୍ୟ ଏକ କିମି ଏବଂ ଚଉଡା ୨୨ମିଟର ହେବ। ବିସ୍ଥାପିତଙ୍କ ଜମି ଆକଳନ କରାଯାଇଛି। ବିସ୍ଥାପିତ ହେବାକୁ ଥିବା ଲୋକମାନେ ଜିଲା ପ୍ରଶାସନକୁ ସହଯୋଗ ଲାଗି ଜିଲାପାଳ ନିବେଦନ କରିଛନ୍ତି। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଏହାର କାର୍ଯ୍ୟ ଶେଷ ହେବ ବୋଲି ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଆଞ୍ଚଳିକ ଶିଳ୍ପ, ହସ୍ତକଳା ଉଦ୍ୟୋଗୀ ପ୍ରଦର୍ଶନୀ ଉଦ୍‌ଯାପିତ

କୋଣାର୍କ,୧।୩(ଡି.ଏନ୍.ଏ)

କୋଣାର୍କସ୍ଥିତ ଟୁରିଷ୍ଟ ମାର୍କେଟ ଛକ ସନ୍ନିକଟ ଡିଲକ୍ସ ହୋଟେଲ ସମ୍ମୁଖ ପଡିଆଠାରେ ୮ଦିନ ହେବ ଚାଲିଥିବା ଆଞ୍ଚଳିକ ଶିଳ୍ପ ଓ ହସ୍ତକଳା ଉଦ୍ୟୋଗୀ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅରୂପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରବି ମଲ୍ଲିକ, ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନର ସହ ନିର୍ଦ୍ଦେଶକ ବିକ୍ରମ କୁମାର ମହାରାଣା, ପୁରୀ ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ହେମନ୍ତ କୁମାର ନାୟକ, ସୋଲାରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ଓ ଅରୂପାର ଉପଦେଷ୍ଟା ଉମେଶଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ହସ୍ତଶିଳ୍ପ ସାମଗ୍ରୀ ନିମନ୍ତେ ବଜାର ସୃଷ୍ଟି, ସେମାନଙ୍କୁ ସ୍ୱାବଲମ୍ବୀ କରି ଆର୍ଥିକ ରୋଜଗାରକ୍ଷମ କରିବା ପାଇଁ ଏହି ପ୍ରଦର୍ଶନୀ ଏକ ମାଇଲଖୁଣ୍ଟ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିବା ବେଳେ ଅର୍କଶ୍ରୀର କାର୍ଯ୍ୟକ୍ରମ ଅଧିକାରୀ ସୁରେଶଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ।

# ପ୍ରଥମ ଦିନରେ ୩୬ ମାମଲା ରୁଜୁ

■ଏଣିକି କଡ଼ାକଡ଼ି ହେବ ଯାଞ୍ଚ
■ହେଲମେଟ ନ ପିନ୍ଧିଲେ ଡଣ୍ଡ ଗଣିବେ
■ସଂଶୋଧିତ ଆଇନ ଅନୁଯାୟୀ ହେବ ଜରିମାନା

ପୁରୀ ଅଫିସ,୧।୩ :



ରାସ୍ତାରେ ପୋଲିସମାନେ ଗାଡ଼ି ଚେକିଂ କରୁଛନ୍ତି।

ସମାପ୍ତ ହୋଇଛି ମୋଟରଯାନ ଆଇନ ସମୟ ଅବଧି। ମାର୍ଚ୍ଚ ପହିଲାଠାରୁ ସଂଶୋଧିତ ମୋଟରଯାନ ଆଇନ କଡ଼ାକଡ଼ି କରାଯାଇଛି। ପୁରୀରେ ପ୍ରଥମ ଦିନରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତିନି ଜାତୀୟ ରାଜପଥ ପ୍ରବେଶ ପଥରେ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଥିଲା। ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ(ପିୟୁସି), ବିନା ହେଲ୍‌ମେଟ୍, ବିପରୀତ ଦିଗରୁ ଗାଡ଼ି ଚଳାଇବା, ଟ୍ରାଫିକ ନିୟମ ଉଲ୍ଲଂଘନ, ମଦ୍ୟପାନ କରି ଗାଡ଼ି ଚଳାଇବା, ଯାନବାହନରେ ଅଧିକ ପରିବହନ ନେଇ ରୋଡ୍ ସେଫ୍ଟି ଆଇନ ପ୍ରକାରେ ୩୬ଜଣଙ୍କ ନାମରେ ମାମଲା କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ମଦ୍ୟପାନ କରି ବାଇକ ଚଳାଉଥିବା ବ୍ୟକ୍ତିଙ୍କୁ ଆର୍‌ଟିଓ ବଳିଆପଣ୍ଡା ଥାନାକୁ ହସ୍ତାନ୍ତରିତ କରିଛନ୍ତି। ଆର୍‌ଟିଓ ସମୀର ଦଳାଇ କୁହନ୍ତି, ମାର୍ଚ୍ଚ ପହିଲାରୁ ମୋଟରଯାନ ଯାଞ୍ଚ ଆରମ୍ଭ କରାଯାଇଛି। ଏବେଠାରୁ ଏହି ପ୍ରକ୍ରିୟା ନିୟମିତ ଭାବେ ଜାରି ରହିବ। ଏ ନେଇ ଆର୍‌ଟିଓ ପୁରୀ ପକ୍ଷରୁ ଟ୍ରାଫିକ ଏସ୍‌ଆଇ(ଟିଏସଆଇ) ସୁଶାନ୍ତ କୁମାର ପାତ୍ର ଏବଂ କନିଷ୍ଠ ମୋଟରଯାନ ଇନ୍ସପେକ୍ଟର ଏସ.ଏନ.ଚୌଧୁରୀଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇଛି। ଏହି ଦୁଇଟି ଟିମ୍ ସକାଳ ୧୦ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପୁରୀ, ଭୁବନେଶ୍ୱର ଜାତୀୟ ରାଜପଥ ମାଳତିପାଟପୁର ଛକ, ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ ତୋଷାଳୀ ଛକ ଏବଂ ପୁରୀ- ସାତପଡା ଜାତୀୟ ରାଜପଥ ମଙ୍ଗଳାଘାଟ ଛକରେ ଯାନବାହନ ଚେକିଂ କରିଥିଲେ। ସୋମବାରଠାରୁ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ। ସଡ଼କ ଦୁର୍ଘଟଣାରେ ବିନା ହେଲମେଟ ପରିଧାନ ଯୋଗୁ ବାଇକ ଚାଳକଙ୍କ ମୃତ୍ୟୁ ଘଟୁଛି। ବିଶେଷତଃ ବାଇକ ଚାଳକଙ୍କୁ ହେଲ୍‌ମେଟ୍ ପରିଧାନ ଲାଗି ବାଧ୍ୟତାମୂଳକ ରହିବ। ଏଥିସହିତ ସଂଶୋଧିତ ମୋଟରଯାନ ଅନୁସାରେ ଯାଞ୍ଚବେଳେ ହେଲ୍‌ମେଟ ପିନ୍ଧି ନ ଥିଲେ ଜରିମାନା କରାଯିବ ବୋଲି ଆରଟିଓ ଦଳାଇ କହିଛନ୍ତି। ସେହିଭଳି ରବିବାରଠାରୁ ପୁରୀ ସମେତ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥରେ ରହିଥିବା ପେଟ୍ରୋଲପମ୍ପରେ ବିନା ହେଲ୍‌ମେଟ୍‌ରେ ତେଲ ନ ନେବା ଲାଗି ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରବିବାର ଏ ନେଇ ପୁରୀ ସହରରେ ରହିଥିବା ଗ୍ରାଣ୍ଡସେଣ୍ଟର ପେଟ୍ରୋଲ ପମ୍ପରେ ହୋର୍ଡିଂ ଲାଗିଥିବାବେଳେ ବିନା ହେଲମେଟରେ କେତେଜଣ ଗ୍ରାହକଙ୍କୁ ପେଟ୍ରୋଲ ପମ୍ପରୁ ତେଲ ଦିଆଯାଇ ନ ଥିବା ଜଣାପଡ଼ିଛି। ସମୟ ଅବଧି ସରିବା ପରେ ସହରରେ ପ୍ରାୟ ବାଇକ ଚାଳକମାନେ ସହରରେ ହେଲମେଟ ପରିଧାନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ପଲ୍ୟୁଶନ ଗାଡ଼ିରେ ପଲ୍ୟୁଶନ ସାର୍ଟିଫିକେଟ ଲାଗି ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲମ୍ୱା ଧାଡ଼ି ଦେଖିବାକୁ ମିଳିଛି।